

# ରାତ୍ରି ଗୋ

ରାତ୍ରି ଗୋ ତୁମେ ଧାତ୍ରୀ ଗୋ
କେବେ ଅମା କେବେ
ରାକା ରଜନୀର ଯାତ୍ରୀ ଗୋ
ପ୍ରଣୟିନୀ ମୋର ଲଜ୍ଜା ବିଭାବ ଛାଡ଼ି
କନକ ଚଂପା ଶିବ ଶିରେ ଦେଇ ମେଲି
ସ୍ୱପ୍ନ ବିଭୋରେ ତୁମେ ଆସିବାର ପଥେ
ନିଦ୍ରା ଉତାରି ବିନିଦ୍ର ରଜନୀ ବିତେ
ତୁମ ଆସିବାଟା ପ୍ରଣୟ ବେଳାର ଜୈତ୍ରୀ
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦

ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ମନ ଗହନର ନିଷିଦ୍ଧ ଇଲାକେ
ତୁମର ଅବାଧ୍ୟ ଗତି ଗୋ
ତୁମେ ଢଳ ଢଳ ସତେ ପଦ୍ମ ପତ୍ରର ଜଳ
ତୁମେ କୁଆଁରୀ କଇଁର ମରମ ତଳର ଛଳ
ତୁମେ କୁଆଁରୀ ଝିଅର ମନ ଆତଙ୍କିତ କୋହ
ତୁମେ ସରମୀ ବଧୂର ତନ୍ଦ୍ରାୟିତ ଦେହ ମୋହ
ତୁମେ ମୈତ୍ରୀ କେତନ ଉଡ଼ାଇ ପାର ଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦






ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ତୁମେ ଘନ ତମିସ୍ରାରେ ଆଚ୍ଛନ୍ନ ନିଶୀଥ ମୂର୍ତ୍ତି ଗୋ
ତୁମେ ନୀଳ ଆକାଶରେ ପ୍ରତୀକ୍ଷିତ ଏକ ଜହ୍ନ
ତୁମେ କାମୁକା ପ୍ରିୟାର ତନ୍ଦ୍ରା ବିଜଡ଼ିତ ସ୍ୱପ୍ନ
ତୁମେ ନୀଳ ନୟନାକ୍ଷୀ ପ୍ରିୟାର ଏକାନ୍ତ କାମ୍ୟ
ତୁମେ ସରଳ ତରଳ ନାୟିକା ଅଂଗର ହର୍ମ୍ୟ
ତୁମେ ଉଜ୍ଜ୍ୱଳ ମୟୂଖେ ଉଚ୍ଛନ୍ନ ପଥର ରଥୀ
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦

ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ବ୍ୟସ୍ତ ଜୀବନେ ରଙ୍ଗିମା ଭରି
ଶାନ୍ତିରେ କର ତୃପ୍ତି ଗୋ
ବାରୁଣୀ ଗଗନ ଅରୁଣିତ ହେଲେ ସାୟାହ୍ନେ
ତୁମ ମୁଖ ଦିଶେ ପ୍ରାଚୀ ଗଗନର ଅୟନେ
ଅଳପ ଅଳପ ଦିଗ୍‌ବଳୟେ କରି ଅନିଶା
ପ୍ରିୟ ପଥ ଶ୍ରାନ୍ତ ପ୍ରିୟା ଯେ ହୁଅଇ ବିବଶା
କି କୁହ ଯେ ତାର କର୍ଣ୍ଣ ପଟଳେ
ସତେ ତୁମେ ଆଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦



ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ଜହ୍ନ ଆଇନାରେ ମୁଖ ଦେଖିବାରେ ବ୍ରତୀ ଗୋ
କୃଷ୍ଣ କବରୀ ଭରିଦିଅ ତାରା ଫୁଲେ
ଜହ୍ନ ତହିଁରେ ହୀରକ ପଦକ ଝୁଲେ
କେବେ ନୈଶ ଦେହଳୀରେ ବିହଙ୍ଗମ ଗାଏ
ପ୍ରୀତି ଉପଚାର ଗୀତି
କେବେ ମୁଗ୍ଧ ମାନସେ ପ୍ରିୟତମା ଦେଖେ
ତନ୍ମୟେ ପ୍ରୀତି ରୀତି
ତନ୍ଦ୍ରାଧାରିତ ନୟନରୁ ନିଦ୍ରା ହଜାଇ ଦିଅ ଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦






ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ଲଜ୍ଜା ଉତ୍ତରୀୟ ଉତାରି ପାର ରାତ୍ରି ଗୋ
ତୁମ ବିନା ପ୍ରିୟା ସ୍ୱପ୍ନ ବିଳାସ ରଚେ ନାହିଁ
ମୁକ୍ତ ଆକାଶେ ଅଭିସାର ରଚି ଶଙ୍କେ ନାହିଁ
ତୁମେ ଘନ ଅନ୍ଧକାରେ ପ୍ରେମର
ଆଲୋକ ରଚି ପାର
ପ୍ରେମିକା ପ୍ରିୟାର କବରୀ ଗନ୍ଧେ
ନିଶୀଥରେ ତୁମେ ଭିଜିପାର
ପ୍ରେମ ପାଇଁ ତୁମେ ମୁଗ୍ଧ ଅୟନ
ଖୋଲି ଦିଅ ଆଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦

ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ତୁମେ କବିର କବିତା, କବିତାର ଛନ୍ଦ ରୀତି ଗୋ
ପ୍ରେମିକା ଆଖିରୁ କଜଳ ଛଡ଼ାଇ ନେଇ
କୃଷ୍ଣ କବରୀର ଅନ୍ଧାର ରଙ୍ଗ ନାଇ
ପ୍ରେମର ବିଚ୍ଛେଦ ବେଦନା ଜ୍ୱାଲାକୁ
ମଧୁର ରଙ୍ଗେ ସାଜି
ଛିନ୍ନ ବୀଣାରେ ମଧୁ ଝଙ୍କାର
ବଳୟ ଅଛିରେ ରଚି
ବେଦନା ସିକ୍ତ ମଧୁବନେ ସୃଜି
ସଂଶୟିତ ମଧୁ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦






ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ତୁମେ କଅଁଳ ଜହ୍ନରେ ଆଲୋକିତ
ଏକ ଜ୍ୟୋସ୍ନା ବିଧୌତ ମୂର୍ତ୍ତି ଗୋ
ତୁମେ ସୁବାସିତ ଫୁଲେ ସୁବାସ ଦିଅ ମିଳାଇ
କିଆ କେତକୀର ଶୁଭ୍ର ସୁମନେ ବାସ ଦିଅ ଚହଟାଇ
ନଈ ପଠାଧାରେ କାଶତଣ୍ଡୀ ଫୁଲ ଶୁଭ୍ର ଚାମର ମେଲି
କନକ ଚଂପା ମୃଦୁ ବାସରେ ରଜନୀଗନ୍ଧା ମିଳି
ବହୁ ପ୍ରେମିକାର ନୈଶ ଅଧିବାସ ସାକ୍ଷୀ ତୁମେ ସତେ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦



ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ଲମ୍ପଟୀ ଓଠର ମଦିରା ଗନ୍ଧେ
ବାସ୍ନାୟିତ ତୁମେ ରାତ୍ରି ଗୋ
ଯେବେ ଚଷକର ଧ୍ୱନି ଗଭୀର ନିଶୀଥେ ଶୁଭେ
ଯେବେ ବାରବଧୂ ପ୍ରିୟା ପ୍ରେମିକ ଉରସେ ଲୋଟେ
ଯେବେ ପିୟାସୀ ଲୋଡ଼ଇ ନିଶୀଥ ନହେଉ ଅନ୍ତ
ଯେବେ ବାସର ଶେଯରେ ମୁକ୍ତ ଅଳକ ପନ୍ତି ନହୁଅନ୍ତି ଶାନ୍ତ
ନବ ବଧୂପାଇଁ ମାଜଣା ସୁହାଗ ପଥ ଦେଖାଅ ଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦



ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ତୁମେ ସ୍ୱପ୍ନ ବିଧୁରା ଉଦାସୀ ପ୍ରିୟାର
ଚନ୍ଦନେ ଚର୍ଚ୍ଚିତ ମୂର୍ତ୍ତି ଗୋ
ଅଭିସାର ମଦେ କାମିନୀ କୁଳ ସେ
ତିମିରେ ମଉନେ ମଜ୍ଜି
ପ୍ରଣୟୀର ପାଶେ ଗମୁଥାନ୍ତି ମନ
ଉଦ୍‌ବେଳେ ପ୍ରେମ ହେଜି
ପ୍ରିୟତମ ତେଣେ ବନ୍ଦିନୀ ପ୍ରିୟାର
ଅଶ୍ରୁ ନୀହାର ପୋଛି
ପାଟ ପତନିର ସୁବାସିତ ଅଂଶ
ପ୍ରଣୟ ଅଶ୍ରୁରେ ଭିଜି
କୁମୁଦ ଧବଳ ଚଟୁଳ ଶଫରୀ
ଚାହାଣିରେ ଦେଖ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦


ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ସ୍ୱଚ୍ଛ ସଲିଳା ମନ୍ଦାକିନୀ ନଦୀ
ନୀରବେଣୀ ତୁମ କାନ୍ତି ଗୋ
ତୁମ ଅୟନରେ ସିକ୍ତ ମାଟିର ଗନ୍ଧ
ସୁରଭି ଶୀତଳ ଗନ୍ଧବହ ଗନ୍ଧେ ମୋଦ
ନଗନ ଜଘନା ଅଙ୍ଗନା ପ୍ରେମେ
ଉତ୍‌ଫୁଲ୍ଲିତ ଦେହ ବାସ
ଲୁଟି ନେଇଥିଲା ତନ୍ମୟୀ ରାତ୍ରି ଗନ୍ଧବହ ସୁବାସ
ତୁମେ କ୍ଷୁଧିତ ପ୍ରିୟାର କାମନା
ପ୍ରଶାନ୍ତି ରଙ୍ଗେ ରଙ୍ଗାଅ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦





ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ନୀଳ ନୟନାକ୍ଷୀ ଅମ୍ବୁଦ ତୁଲେ
ରଚ ଅଭିସାରେ ମୈତ୍ରୀ ଗୋ
ତୁମେ ଅଳସୀ ପ୍ରିୟାର ଓଠରେ ଫୁଟାଅ ହସ
ଊର୍ମିଫେନିଳ ପ୍ରିୟାର ଅଙ୍ଗୁ ଉତାର ପ୍ରଣୟ ବାସ
ତୁମେ ମୃଦୁମନ୍ଦରେ ଗିରିକନ୍ଦରେ ତିମିରେ ଲୁଚାଇ ନିଅ
ପ୍ରେମିକା ପ୍ରିୟାର ହୃଦ ତିମିରକୁ ରଙ୍ଗେ ଉତାରି ଦିଅ
ତୁମେ ଶ୍ୱେତ ବଳାହକ ଆଲୋକରେ ପରା
ଆଲୋକିତ ଆଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ○

ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ରାତ୍ରି ଗୋ ତୁମେ ସ୍ମୃତିର ଗଜରା
ଗୁନ୍ଥିପାର ନିତିପ୍ରତି ଗୋ
ଦେଉଳୀ ପାହାଡ଼ କନ୍ଦରାରେ ପଡ଼ ଶୋଇ
ସରମୀ ରାଧାର ଅଭିସାର ପଥ ଫେଇ
ମନ ଗହନର ସ୍ମୃତିରେ ଫୁଟାଅ
ବିରହୀ କଦମ୍ବ ଫୁଲ
ଫଗୁଣର ବାସ ଚହଟାଇ ପାର
ଚଇତ ନିଶିରେ ଭଲ
ତୁମେ ମୁଗ୍ଧ କବିର କାବ୍ୟକାନନେ
ପ୍ରେମର ପକାଅ ଭିତ୍ତି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦





ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ପଙ୍କରେ ପଦ୍ମ ବିକଶିଲେ ସୃଜେ
ସ୍ମୃତିର ଅମରାବତୀ ଗୋ
ବୃଷଭାନୁ ଜେମା ପାଦ ଚାପି ଯେବେ
କୁଞ୍ଜ କାନନେ ଗମେ
ଅନଙ୍ଗ ମନ୍ତ୍ରେ ଅଭିମନ୍ତ୍ରିତ ସେ କୃଷ୍ଣ ଉରସେ ଚୁମେ
ତୁମେ ଅଭିନନ୍ଦିତ ହୁଅ ଗୋ ମାନସୀ ବଧୂ
ତୁମେ ନିଶୀଥେ ଚଖାଅ ପ୍ରେମ ପିଆଲାର ମଧୁ
ଅନେକ ପ୍ରେମର ଉଦ୍‌ବେଳିତ କୋହ
ସମାହିତ କର ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦

ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ତୁମେ ଶୀତ ରାତ୍ରିର ଶାନ୍ତ କୁହୁଡ଼ି
ପରଷା ହେମନ୍ତ କାନ୍ତି ଗୋ
ତୁମେ କୋଣାର୍କର ଲାସ୍ୟ ବନଜବାଳାର ଛବି
ତୁମେ ସାଗର ବେଳାର ଜ୍ୟୋତିର୍ମୟୀ ଅନୁଭବୀ
ଇନ୍ଦ୍ରଧନୁଷ ସପ୍ତରଙ୍ଗର ଅଚିନ୍ତ୍ୟ ରୂପ ନେଇ
ମନ ଗହନର ରୂପ ଇସାରାରେ
ନିଜକୁ ହଜାଇ ଦେଇ
ତୁମେ ଚିର ସୁଦୀପ୍ତା ଯୌବନାଙ୍ଗୀ
ଆଗୋ ଅସୂର୍ଯ୍ୟପଶ୍ୟା ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ଠ






ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ବିକଚ ରାଜୀବ ଉଷା ଆଗମନେ
ତୁମେ ପରା ଲଭ ଶାନ୍ତି ଗୋ
ସ୍ୱପ୍ନ ନାୟିକା ମାନସୀ ଗୋ ତୁମେ
ଦୂର ପାହାଡ଼ରୁ ଝରଣା ସଦୃଶ ବହ
ତୁମରି ରଙ୍ଗେ ରଙ୍ଗାୟିତ ବାଳା
ଜୀବନ ନଉକା ଗମଇ ବଡ଼ ଦୁର୍ବହ
ତୁମେ ଚୈତ୍ର କାନନେ ମୈତ୍ରୀ ବାରତା ତୋଳ
ତୁମେ ଚାରୁହାସିନୀର ଗଣ୍ଡେ ଲାଲିମା ବୋଳ
ତୁମେ ମୃଦୁ ମହ୍ଲାର ସ୍ୱର ରଚିପାର ପ୍ରିୟାର ଅଙ୍ଗନେ ନିତି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦

ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ଶ୍ରାବଣୀ କନ୍ୟା ମାନସୀ ପ୍ରିୟାର
ମନ ଉତ୍‌ଫୁଲ୍ଲିତ ପ୍ରୀତି ଗୋ
ତୁମେ ହୃଦ ବଳୟର ବନ୍ଧେ ଫୁଟାଅ ଫୁଲ
ପ୍ରୀତି ସକାଳର ପକ୍ଷୀର କାକଳି ନୁହଇ ପଞ୍ଚମ ତୁଲ
ଆଖିରେ ପ୍ରିୟାର ତନ୍ଦ୍ରା ମଧୁର ଅଭୀପ୍‌ସା ପୁଲକ କାନ୍ତି
ହୃଦୟେ ଲାଖିଛି ସ୍ୱପ୍ନ ସାଗର ନୀଳିମାର ହେମ ମୂର୍ତ୍ତି
ଇନ୍ଦ୍ରଧନୁର ରଙ୍ଗ ମାଖିମାଖି ଲୁହର କାଗଜେ
ଲେଖାଅ କବିତା ନିତି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦





ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ଆଶା ଆଶାବରୀ ଫୁଟାଇ ଦିଅଗୋ
ମନ ଉପବନେ ନିତି ଗୋ
ଯେବେ ଭଜାଣି ଯମୁନା
ପ୍ରେମରେ ଫୁଲାଏ ଛାତି
ଯେବେ ଜୀବନ ତଟିନୀ
ଫେନିଳ ସପନେ ଭର୍ତ୍ତି
ଅତୀତ ଶୁଅଇ ରାଜଦାଣ୍ଡରେ
ହାତେ ଧରିଛି ସେ ଇତିହାସ ଭରା କୋହ
ଯେବେ ବର୍ତ୍ତମାନର ତୀବ୍ର ଦଂଶନେ
ଭବିଷ୍ୟତ ସୃଜେ ତନ୍ଦ୍ରା ବିଧୌତ ମୋହ
ଯେବେ ନିରୋଳା ନିଶୀଥେ ପ୍ରିୟତମା
ପଢ଼େ ପ୍ରେମ ରସାଣିତ ଚିଠି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦




ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ମରୀଚିକାମୟ ସ୍ୱପ୍ନ ସାଗରେ
କବି ତୋଳେ ବାସ ନିତି ଗୋ
ସାଗର ବେଳାର ସ୍ୱର୍ଣ୍ଣାଭ ମଥାନେ ସ୍ୱପ୍ନର ବାଲିଘର
ସମୟର ସ୍ରୋତ ଭସାଇ ନିଅଇ ପ୍ରୀତିପୂର୍ଣ୍ଣ ଉପହାର
ଜହ୍ନ ଶୋଇଛି ରାତ୍ରି ତୁମ ଶେଯେ
ସଂଭୋଗର ଆଶା ନେଇ
ନାନା ଉପଚାରେ ଅର୍ଚ୍ଚନା କର
ଦୃଢ଼ ଆଲିଙ୍ଗନ ଦେଇ
ତୁମେ ଚିନ୍ମୟୀ ରୂପ ନିଅ ଗୋ ରାତ୍ରି
ପ୍ରେମିକ ପ୍ରିୟର ଉରସେ ଲୋଟ ଗୋ ନିତି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦


ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ଭଲ ଲାଗେ ସତେ ବଧୂଲୀ ଅଧରୁ
ହସ ଝରିବାର ରୀତି ଗୋ
ଚିବୁକେ ତୁମର ବସନ୍ତ ବୋଲଇ
ସଂପ୍ରୀତି ଗୋପନକଳା
ଶୀତର ବାସର ରାତ୍ରି ନିଶାନ୍ତେ
ପୃଥିବୀ କାକର ଖଳା
ତୁମେ ଚନ୍ଦନ ବନ୍ତୁ ମନର ହଂସୀ ରାଅ
ତୁମେ ମନମଥ ସଙ୍ଗେ ସାକୀକୁ ପରଷି ଦିଅ
ତୁମେ ପରା ସେଇ ମନଗହନର ସଂଗୋପିତ ପ୍ରୀତି ମୂର୍ତ୍ତି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦



ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ତୁମେ ଅର୍କ ବନର ନାଟ୍ୟ ସଦନେ
ଅସ୍ମିତ ଚାରୁ ମୂର୍ତ୍ତି ଗୋ
ତୁମେ ରଚ ଇତିହାସ ସାମନ୍ତରା ବୁଢ଼ା ସାଥେ
ଯଶସ୍ୱୀର ଟିକା ଲଗାଇ ପାର ଗୋ ଧର୍ମପଦର ମାଥେ
ତମାଳ ବନରୁ ଅଶୋକ କୁସୁମେ ସାଜ କାରୁବାକୀ ଗଢା
ଦୃପ୍ତ ଇତିହାସେ କଳିଙ୍ଗ କାନନେ ରଚ ଯଶହର୍ମ୍ୟ ଅବା
ତୁମେ ମୈତ୍ରେୟ ବନୁ ତପନରେ ରାଅ
ପ୍ରଥମ କିରଣ ଦାତ୍ରୀ
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦




ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ଲାସ୍ୟ ଆସ୍ୟର ମଧୁର ତଡ଼ାଗେ
ରଚ ଅଭିସାର ନିତି ଗୋ
ଯେବେ ପ୍ରଚଣ୍ଡ ରୌଦ୍ର କିରଣର ଜାଲେ
କୁସୁମ ବିପଣୀ ମେଲେ
ଯେବେ ବସନ୍ତ ଶୁଅଇ ରାଜରାସ୍ତାରେ
ତାମସୀ ରାଧାର ତୁଲେ
ଯେବେ ଘନ ସହକାର ବଉଳ ମାଲାରେ
ମଧୁପରେ ରଖେ ବାନ୍ଧି
ଯେବେ ପ୍ରେମ ସୁହାଗିନୀ ପ୍ରିୟାଟି ହୁଅଇ
ପ୍ରିୟର ଉରସେ ଛନ୍ଦି
ତୁମେ ଦିବସ ଉରସେ ଲୋଟନା କି ସତେ
ପ୍ରୀତିମତୀ ଆଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦



ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ସ୍ୱପ୍ନେ ଜଗାଅ ରଜନୀଗନ୍ଧାର ସ୍ମୃତି ଗୋ
ତୁମେ ଶୁଭ୍ର ସୁମନ ବିକଶାଇ ଦିଅ ବିଛୁରାଇ ଦିଅ ସୌରଭ
ଭ୍ରମର ଚୁମ୍ବଇ ମଧୁ ଗୁଞ୍ଜନେ ପାଶୋରି ଆପଣା ଗୌରବ
ଦିଗହରା ହୁଏ କନକଚଂପା ଭୁଲଇ ଆପଣା ବାସ
ସ୍ମୃତିର ଗଜରା ହୃଦୟରେ ନାଇ ସୁରଭିତ ବାର ମାସ
ତୁମେ ଚଂପକ ଗନ୍ଧେ ଗନ୍ଧାୟିତ ଆଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦





ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ଅନଳ ନହୋଇ ଦେହ ଦହିପାର ରାତ୍ରି ଗୋ
ତୁମେ ଅସ୍ତ୍ର ନ ଚଳାଇ ମରମରେ ପାର ଭେଦି
ବିନା ଜଳପ୍ଲାବି କୂଳକୁ ପାର ଗୋ ଲଙ୍ଘି
ମାଦକ ନହୋଇ ବିହ୍ୱଳ କରଗୋ ପ୍ରୀତିର ଉଟଜେ ନେଇ
ତନୁ ମନପ୍ରାଣ ଆକର୍ଷି ନିଅ ଗୋ ହୃଦୟ ଦୁଆର ଫେଇ
ତୁମେ ପ୍ରୀତି ଉପବନେ ଉଡ଼ାଇ ପାର ଗୋ
ବନ କୁସୁମର ଜୈତ୍ରୀ
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦

ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ପ୍ରିୟାର ଅଧର ପୂର୍ଣ୍ଣ ପିଆଲା ଲୁଟାଇ ନିଅନା ରାତ୍ରି ଗୋ
ସେ ପିଆଲା ପୂର୍ଣ୍ଣ କର ଗୋ ରାତ୍ରି ଯୌବନର ମଧୁ ରସେ
ପରଷି ଦିଅ ଗୋ ପିଆସୀ କଣ୍ଠେ ଇପ୍‌ସିତ ପ୍ରେମ ରସେ
ମୃଗ ତୃଷ୍ଣା ସମ ଜୀବନ ମରୁରେ ମରୀଚିକା ରଚ ନାହିଁ
ମରୁଦ୍ୟାନ ମୋର ହାତ ପାହାନ୍ତାରେ ଶ୍ରାବଣର ବର୍ଷା ନେଇ
ପରମ ତୃପ୍ତିରେ ଜୀବନପାତ୍ର ମୋ ପୂର୍ଣ୍ଣକର ଆଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦






ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ସ୍ୱାଗତିକା ତୁମ ଦୀପଂଜ୍ୟୋତି ସାଥେ
ଗାଏ ପରା ସନ୍ଧ୍ୟାବତୀ ଗୋ
ଦେବାଳୟ ଧାରେ ଘଣ୍ଟା ମର୍ଦ୍ଦଳ କାହାଳୀ ଶଢାୟିତ
ପଥପ୍ରାନ୍ତର ବାଟୋଇ ଅନିଶା ସଂଧ୍ୟା ହେଲାଣି ନତ
ପୋଖରୀ ତୁଠର ପାଟ ପଥରରେ ପାଦ ଘଷିବାର ଢଙ୍ଗ
ସଂଧ୍ୟା କୁହୁଡ଼ା ପାଣି ଛୁଇଁ ଛୁଏଁ ମୀନ ମିଟିକାଳ ଅଙ୍ଗ
ତୁମେ ପରା ସେଇ ତୁଠ ପଥରରେ
ପେଟେଇ ଥାଅ ଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦

ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ନଦୀ ଚୋରାବାଲି ଶିଥିଳିତ ହୁଏ
ତୁମରି ପରଶେ ନିତି ଗୋ
ଯେବେ କଅଁଳ କୁହୁଡ଼ା ପଠାର ଉରସେ ଚୁମେ
ଯେବେ ଅବୁଝା ଝିଅଟା ଆନମନା ହୁଏ
ତୁମରି ପୃଷ୍ଠଭୂମେ
ଯେବେ କଅଁଳ ଆଖିରେ ତଟିନୀ ଦେଖଇ
ନୈଶ ଅଭିସାର ଛବି
ଯେବେ ଘନ କୁନ୍ତଳା ଜଳଧାରା ଗଡ଼େ
ବଉଦ କେଶରୁ ସ୍ରବି
ସେ କେଉଁ ପରଶ କୁଆଁରୀ ମନରେ
ଭରିଦିଅ ଆଗୋ ରାତ୍ରି ?
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦





ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ସେଇ ଚୁଲୁବୁଲି ଝିଅଟି ପରା ମୋ
ସ୍ମୃତିର ଅମରାବତୀ ଗୋ
ସେ ଯେ ବାସନ୍ତିକ ଗୀତ ଭୁଲିଯାଏ ପ୍ରେମ ଭୋଳେ
ସେ ଯେ ଘଞ୍ଚଅନ୍ଧାରେ ସାୟରୀ ଲେଖଇ
ମନର ଅନ୍ତରାଳେ
ଜହ୍ନ ନଇଁଛି ଗାଆଁର ମଥାନେ ବଉଦକୁ ଭିଡ଼ି ଧରି
ଭଗ୍ନ ହୁଏ ମୋ ସ୍ୱପ୍ନ ପାହାଡ଼ ଯାଆଇ ଧୀରେ ତରଳି
ତୁମେ ସାଧବାଣୀ ଅଙ୍ଗେ ଅନନ୍ତ କଦମ୍ବ
ଫୁଟାଇ ପାର ଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦


ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ମଧୁ ଝରା ହସ ସୃଜି ପାର ତୁମେ ମନ ଗଜରାରେ ଗୁନ୍ଥି ଗୋ
ତୁମେ ମେଘ ମହ୍ଲାର ସୃଜାଅ ଗୋ ନିତି କାମୁକା ପ୍ରିୟାର ଅଙ୍ଗେ
ଛନଛନ ମନ ଷୋଡ଼ଶୀର ଛାତି ନଚାଅ ପ୍ରେମର ଢଙ୍ଗେ
ରୂପା ଫଗୁଆରେ ମନକୁ ସାଉଁଟି ଚହଟାଇ ଦିଅ ପଦ୍ମଗନ୍ଧାର ବାସ
ଯୌବନର ହାର ସ୍ମୃତି ଚାଦରରେ ଉକୁସାଅ ବାରମାସ
ତୁମେ ଶବ୍ଦମାନଙ୍କୁ ମଗ୍ନ ହୃଦୟେ ଯୋଡ଼
ତୁମେ ତନ୍ଦ୍ରିତା ପ୍ରିୟା ହୃଦୟ କବିତା ପଢ଼
ତୁମେ ଶବ୍ଦ ମାନସେ ତନ୍ଦ୍ରାୟିତ ଆଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦




ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ଲକ୍ଷେ ସାଗର ତଟେ ମୁଁ ତୃଷାର୍ତ୍ତ ମୂର୍ତ୍ତି ଗୋ
ଯାଚକ ଆଜି ମୁଁ ହାତ ପାତୁଛି ଗୋ ରାତ୍ରି
ମୋତେ ଫେରାଇ ଦିଅ ମୋ ଗତ ବୟସର ସ୍ମୃତି
ତେବେ, ମୋ କୁଆଁରୀ ମନ ଜହ୍ନରେ ଚୁମୁଥିବ
ଶବ୍ଦରେ ଓଠ ଚନ୍ଦନେ ଚର୍ଚ୍ଚିତ ହେବ
ସେଇ ଶବ୍ଦରେ ଫାଲ୍‌ଗୁନ କବି ଗଢ଼ିବ କବିତା ଘର
ମୁଗ୍ଧ ବାତାୟନେ ଚମ୍ପକ କଢ଼ି ଗୁନ୍ଥି ରଚିବ ହାର
ତୁମେ ସବୁରି ଚର୍ଯ୍ୟା ସ୍ମୃତି ଗଜରାରେ
କର ପରା ଆଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦




ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ଶାନ୍ତ ମେଦିନୀ ନିଦ୍ରା ବିହ୍ୱଳିତ ମୂର୍ତ୍ତି ଗୋ
ସୂର୍ଯ୍ୟ ଶୁଅଇ ଚକ୍ରବାଳର ଆରପାରେ ମୁହଁ ମେଲି
ସୁନେଲି ଜହ୍ନ ଜୋଛନା ମେଲଇ ପୂର୍ବାଶା ନଭ ଖୋଲି
ଉଦୀଚୀ ଅନିଳ ପାରିଛି କି ବୁଝି କଇଁ ଅନ୍ତରର ଭାଷା
ମକରନ୍ଦ ଶୁଏ ମୀନର ପିଠିରେ ଘାରିଛି ପ୍ରଣୟ ନିଶା
ସଜନୀ ଶୁଅଇ ସ୍ୱପ୍ନ ବିଭୋରେ କୃଷ୍ଣ କବରୀ ମେଲି
ଜଘନ ନଗନ ଅଙ୍ଗନା ଶୁଏ ସ୍ୱପ୍ନ ମହଲ ଖୋଲି
ତୁମେ ସ୍ୱାଗତ କର କି ନିଦୁଳିଆ ଆଖି
ସଂଭ୍ରମେ ଖୋଲି ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦



ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ମରମ ତଳର ସରମ କଥାକୁ କି କହିବି
ଆଗୋ ରାତ୍ରି ଗୋ
ଗବାକ୍ଷ ମୁକୁଳା, ବକ୍ଷ ମୁକୁଳା ସଖୀ ମଗ୍ନ ଅଭିସାରେ
ଜଂଜାଳ ଜାଲରେ ମଗ୍ନ ଜୀବନ ଭଗ୍ନ ଜୁଆର ଛଳେ
ମନ ଖୋଜେ ସ୍ରଷ୍ଟା ସୃଷ୍ଟି ଯାହାର ରୂପର ଗନ୍ତାଘର
ବିଧିର ବିଧାନ ବିଚିତ୍ର ଏଥି ସ୍ୱପ୍ନରେ ବାଲିଚର
ତୁମେ ସ୍ୱପ୍ନର ଛଳେ ମୁଗ୍ଧ ବଧୂରେ ରାଅ
ତୁମେ ସ୍ୱପ୍ନ ମାନସେ ସ୍ନେହର କପାଟ ଫେଅ
ତୁମେ ମଧୁଝରା ହସ ହସି ଆସ ଆଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦





ରାତ୍ରି ଗୋ ତୁମେ ଧାତ୍ରୀ ଗୋ
କଟିର ମେଖଳା କେହ୍ନେ ଉତାର ରାତ୍ରି ଗୋ
ନୀଳ ଜଳଧିର ଉତ୍ତୁଙ୍ଗ ଲହରୀ ସାଥେ
ମୃଗାଙ୍ଗ ଜୋଛନା ଚନ୍ଦ୍ରଶାଳାର ମାଥେ
ରଥାଙ୍ଗ ରବ କି ନିଶୀଥେ ଜଗାଏ ବ୍ୟଥା
ପଦ୍ମିନୀ ହୃଦୟେ ତ୍ୱିଷାମ୍ପତି ପ୍ରେମ ଯଥା
ଯକ୍ଷକାନ୍ତା କି ମନ୍ଦ୍ର ନିନାଦେ ଭିଡ଼ିଯାଏ କାନ୍ତ ତନୁ ?
ତୁମେ ପରା ରାତ୍ରି ସମ୍ମାନ ପାଅ ଶ୍ରାନ୍ତ ପ୍ରେମିକ ମନୁ
ତୁମେ ପ୍ରେମର ଜଳଧି ଲଙ୍ଘିପାର ଆଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦



ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ସାରା ସଂସାରେ ସବୁ କଳଙ୍କର ନାୟିକା ତୁମେ ତ ରାତ୍ରି ଗୋ
ତୁମେ ନାରୀରଙ୍କ ନରଙ୍କ ନୟନ କାରା
ପ୍ରୀତି ସୁହାଗିନୀ ମୃଗାକ୍ଷୀ ନୟନ ତାରା
ତୁମେ ପରା ରାତ୍ରି କୁଞ୍ଜ କାନନେ ରାଧାର ପଣତ ଭିଡ଼
ତୁମେ ପରା ସେଇ ପ୍ରୀତି ସୁହାଗିନୀ ରାଧାର ଚିଟାଉ ପଢ଼
ଗଭୀର ନିଶୀଥେ ଚନ୍ଦ୍ରମା ସାଥେ କୃଷ୍ଣ କାନନେ ଗମେ
ରାଧିକା ସୁନ୍ଦରୀ ମୁଗ୍ଧ ମାନସେ କୃଷ୍ଣ ଉରସେ ଚୁମେ
ନୈଶ ଅଭିସାରେ ପ୍ରକୃତି ପ୍ରଣୟ ଦେଖି ତୁମେ ପରା ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦

ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ନୀଳ ନୀରବେଣୀ ଯମୁନାର ତୁମେ ସାଥୀ ଗୋ
ମନ ଗଜରାରେ ରଞ୍ଜିତ ରାଧା ନୈଶ ଅଭିସାରେ ଗମେ
କାମିନୀ କାଞ୍ଚନ ପରଷି ରାଧିକା କୃଷ୍ଣ ନୟନ ରମେ
ମାଧବୀ କୁଞ୍ଜ ଅଷ୍ଟସଖୀର ସୁହାଗେ ଉଠଇ ମାତି
ସ୍ମିତ ମଧୁହାସେ ଅତସୀ କୁଞ୍ଜ ଦୀପାଳୀ ପରଷେ ନିତି
ତୁମେ ପରା ସେଇ କୁଞ୍ଜ କାନନେ ମୁଞ୍ଜରିତ ହୁଅ ରାତ୍ରି
ଚନ୍ଦ୍ରାବଳୀ କୁଞ୍ଜୁ ଅଭିସାର ନେଇ ରାଧାରେ ଦେଖାଅ ବୀଥି
କେତେ ତନ୍ଦ୍ରିତ ଲଭେ ଚନ୍ଦ୍ରାନନୀ ତୁମରି ସେନେହ ପାତ୍ରୀ
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦



ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ଲୁମ୍ବିନୀ ବନେ ଯଶୋଧାରା ଅଶ୍ରୁ ତୁମକୁ ତିନ୍ତାଏ ନିତି ଗୋ
ତୁମେ ସାକ୍ୟସିଂହର ସଂସାର ତ୍ୟାଗୀ ସନ୍ନ୍ୟାସୀ ରୂପ ଦେଖ
ତୁମେ ପୀରତି ବିଧୁରା ଯଶୋଧାରା ସଙ୍ଗେ ବାକ୍ୟଚାତୁରୀ ରଖ
ଜନ୍ମ, ଜରା, ମୃତ୍ୟୁ ଶଯ୍ୟାଶାୟୀ ରୋଗୀ ଅମିତାଭେ ଦିଅ ଭେଟି
ମଣିମୟ ରାଜପଦ ତ୍ୟାଗୀ ଯୋଗୀ ଦିଅ କେନ୍ଦରା ଗୋଟି
ଦୀପ୍ତ ମାନସେ ଦୃପ୍ତ ସଂକଳ୍ପ ତୁମେ ସିନା କର ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦



ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ତୁମେ ନିକୁମ୍ଭିଳା ମୂଳେ ବୈଶ୍ରବଣ ଯଜ୍ଞ ସାକ୍ଷୀ ଗୋ
ଯେବେ ପ୍ରତିଶୋଧ ଅଗ୍ନି ବିଂଶ ନୟନୁ ସ୍ଫୁରେ
ଯେବେ ଦାବାନଳ ସାରା ସ୍ୱର୍ଣ୍ଣ ଲଙ୍କାରେ ଜାଳେ
ଯେବେ ରାବଣ ମାଗଇ ତନ୍ମୟେ ପ୍ରୀତି ରୀତି
ଯେବେ ରୁକ୍ଷ ନିପାତ ଯଜ୍ଞେ ପଡ଼େ ଆହୂତି
ତୁମେ ହୃଦୟ ଆବେଗେ ସ୍ୱର୍ଣ୍ଣ କପାଟ
ଫେଇ ଦେଖ ପାପୀ ରୀତି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦



ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ବିଶ୍ୱାବସୁର ଗୋପନ ନିଳୟେ ତୁମର ଗୋପନ ସ୍ଥିତି ଗୋ
ଲଳିତା ରଚଇ ପ୍ରେମ ଅଭିସାର ବିଦ୍ୟାପତିର ସାଥେ
କଳଙ୍କ କାଳିମା ବୋଲି ବିଦ୍ୟାପତି ମାଧବର ରାହା ଦେଖେ
ଗହନ କାନନେ ବାଙ୍କବିହାରୀ ଦର୍ଶନ ଅଭିସାରେ
କାନନେ କାନନେ ଦୃପ୍ତେ ବିହରି ମାଧବେ ଗୁପ୍ତେ ବିହରେ
ନୀଳାଚଳ ଧାମେ ନୀଳ ପରବତେ ବିଜେ ଦାରୁବ୍ରହ୍ମ ମୂର୍ତ୍ତି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦





ରାତ୍ରି ଗୋ ତୁମେ ଧାତ୍ରୀ ଗୋ
କାଦମ୍ବରୀ ପାନେ ବଳଦେବ ଯହିଁ
ମତ୍ତ ଅୟନ ଯାତ୍ରୀ ଗୋ
ରେବତୀ ରମଣ ରେବତୀ
ଅଧରବିମ୍ବ ଅମୃତ ଛାଡ଼ି
ସ୍ୟନ୍ଦନାରୁଢ ହଳୀ ଯାଇଥିଲେ
ପାଣ୍ଡବ ସାଥେ ଲଢ଼ି
ରେବତୀ ରମଣ ସଙ୍ଗେ ସତେ କି ରାତ୍ରି ତୁମେ ଥିଲ ଜଡ଼ି
କାଦମ୍ବରୀ ପିଇ ବଳଦେବ ସତେ ପଥ ଯାଇଥିଲେ ଛୁଡ଼ି
ତୁମେ ପରା ରାତ୍ରି ଗୋପନେ ଥିଲ ଗୋ କାଦମ୍ବରୀ ପାନେ ମାତି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦

ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ସଂଭ୍ରମେ ପ୍ରତି ହୃଦୟ ନିକ୍ୱଣେ ତୁମେ ଭରିଦିଅ ପ୍ରୀତିଗୋ
ତୁମେ ଗଭୀର ନିଶୀଥେ ପୀରତି ପଥରେ ଦେଖ
ତୁମେ ଜୋଛନା ରାତିରେ ପ୍ରୀତିର ମୟୂଖ ଚାଖ
ନୈଶ ଅଧିବାସ ପାଇଁ ଯେବେ ପ୍ରିୟ ବିଭ୍ରାନ୍ତ ପଥେ ଗମେ
ଯେବେ ପ୍ରିୟା ପ୍ରଣୟିନୀ ପ୍ରଣୟ ସୁହାଗେ ତୁମରେ ତିମିରେ ଚୁମେ
ତୁମେ ପରା ସେଇ ପ୍ରଣୟ ବୀଥିରେ ଦୁହିଁଙ୍କୁ ଭେଟାଅ ନିତି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦




ରାତ୍ରି ଗୋ ତୁମେ ଧାତ୍ରୀ ଗୋ
କବିର କବିତା ତୁମରି ବାସରେ ଚିର ବାସ୍ନାୟିତ ରାତ୍ରି ଗୋ
କବି ଯେ ତୋଳଇ କବିତା ସାଗର ତୀରର ବାଲୁକା ରାଶି
ପ୍ରଣୟ ପରଶେ ସିକତା କଣିକା ଉଠୁଥିଲା ଉଦ୍‌ଭାସି
ତୁମେ ପରା ରାତ୍ରି ସାଗର ବେଳାରେ ମନ୍ଦ୍ର ବାଜଣା ସୃଜି
ପ୍ରୀତି ସଂଗୋପନେ ପ୍ରେମିକାର ଓଠ ପ୍ରେମିକ ଓଠରେ ମଜ୍ଜି
ଅନେକ ତୁମର ସମୟ ଯାଇଛି ଏଇ ଇସାରାରେ ମାତି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦






ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ମାଣି ଗଉଡୁଣୀ ସୁନା ମୁଦି ରଖା
ସାକ୍ଷୀ ପରା ତୁମେ ରାତ୍ରି ଗୋ
ଶୀତଳ ଜ୍ୟୋତ୍ସ୍ନା ଚନ୍ଦ୍ରମା ତଳେ ଧଳା କଳା ଘୋଡ଼ା ଚଢ଼ି
ଉତ୍ତାଳ ଚିଲିକା ବକ୍ଷ ଲଙ୍ଘିଲେ କାଞ୍ଚି ରାଇଜେ ଲଢ଼ି
ଗଜପତି ପାଇଁ ରମା, ରେବତୀଙ୍କ ଅଂଗ ସୌରଭ ଛାଡ଼ି
ସୃଜନୀର ସ୍ରଷ୍ଟା ସ୍ୱୟଂ ଲଢ଼ିଥିଲେ ନର ଦେହେ ଘୋଡ଼ା ଚଢ଼ି
ଏଇ ସେଇ ମାଟି ବୀର ପ୍ରସବିନୀ ସର୍ବଦା ରତ୍ନଗର୍ଭା
ରାତ୍ରି ଗୋ ତୁମେ ସେଇ ମାଟି ପରେ ପ୍ରସର କୃଷ୍ଣ ଗଭା
କାଞ୍ଚିଜେମାର ଶ୍ରବଣ ପୁଟରେ କି କହିଲ ଆଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦

ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ମୁଗ୍ଧ ବାତାୟନେ ବିକ୍ଷୁବ୍ଧେ ବିହର ରାତ୍ରି ଗୋ
ତମସ୍ୱିନୀ ଆଗୋ ଘନ ତମିସ୍ରାର ଅନ୍ତରାଳରେ ଲୁଚି
ଶୁଭ୍ର ପ୍ରସୂନ ଉକୁସାଇ ଦିଅ ବାତାୟନ ଧାରେ ଛପି
ଚନ୍ଦ୍ର ଉଇଁଲେ ବଣର ମଥାନେ ଉଷସୀ ଆଖିରେ ଦେଖ
ସ୍ୱପ୍ନ ବିଭୋରେ ପ୍ରେୟସୀ କୁନ୍ତଳ ଦେହେ ପରା ତୁମେ ଛପ
ତୁମେ କବିର କାବ୍ୟ ସଂଗୀତାୟନେ ମଜ୍ଜି ରୁହ ଆଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦





ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ଊର୍ଜସ୍ୱଳ ତୁମେ ତମସ୍ୱିନୀ ଆଗୋ ରାତ୍ରି ଗୋ
ଘନ ତମିସ୍ରାର ବୁକୁ ଚିରି ଯେବେ
ବାରବଧୂ ନୈଶ୍ୟେ ଗମେ
ପ୍ରିୟତମା ମୋର ଯୌବନ ଦୀପ୍ତା
ଲୋହିତ ଚୁମ୍ବନେ ରମେ
ପ୍ରେମ ଭୃଙ୍ଗାର ଶୃଙ୍ଗାର ରସେ ଉଚ୍ଛଳ ଯାମ ଅନ୍ତେ
ମନ ଭୃଙ୍ଗର ମଧୁଗୁଞ୍ଜନେ ଚିତ୍ତ ଉତ୍ତଳ ମନ୍ତ୍ରେ
ପ୍ରେମ ପାରାବାରେ ଅବଗାହୀ ସତେ ହୃଦୟ ଲଭଇ ତୃପ୍ତି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦




ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ତୁମେ ଗଭୀର ନିଶାନ୍ତେ ବିଜନ ବେଳାର ଯାତ୍ରୀ ଗୋ
ମନ ମନ୍ଦିର ମୁଗ୍ଧ ବାତାୟନେ ଏକଇ ଚନ୍ଦ୍ର ଦେଖି
ଚନ୍ଦ୍ର ପ୍ରତୀତ ନୁହେଁ ସେ ଯେ ପ୍ରିୟା ତନ୍ଦ୍ରିତ ଚାରୁ ଆଖି
ତୁମେ ସ୍ୱପ୍ନ ସାଗରେ ନିମଜ୍ଜିତ ହୁଅ
ଆଗୋ ଲାସ୍ୟମୟୀ ତମୀ
ବାରଣ ମାନେନା ପ୍ରେମ ସନ୍ତୁଳିତା
ପ୍ରିୟା ମୋ ଉରସ ଚୁମି
ରଜନୀ ଗନ୍ଧା ଆମୋଦ ଗନ୍ଧେ ଗନ୍ଧାୟିତ ତୁମେ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦


ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ତୁମେ କବିର କବିତା, କବିତାର ଛନ୍ଦ ରୀତି ଗୋ
ଶ୍ରାବଣର ଘନ ବରଷା କାଳରେ ମନ୍ଦ୍ର ନିନାଦ ତୋଳି
ବଳାହକ ଘନ କୃଷ୍ଣ ଚିକୁର ବରଷା ବଧୂର ଭାଳି
ମୁଗ୍ଧ ବଧୂଟି ପ୍ରଣୟ ରାସରେ ଚକୋରଙ୍କୁ ପାଶେ ରାଇ
କହେ ଚକ୍ରବାକ ପ୍ରଣୟିନୀ ମରେ କାନ୍ତକୁ ଚାହିଁ ଚାହିଁ
ତୁମେ ପରା ରାତ୍ରି ପ୍ରଣୟ ବିଧୁରା ପ୍ରଣୟିନୀ ବୁକୁ ତଳେ
ବିକ୍ଷୁବ୍ଧେ ବିହରି ସେନେହ କୋରକ ରୋପୁଥିଲେ କୁତୁହଳେ
ତୁମେ ସ୍ନିଗ୍ଧ ପଥର ପାଥେୟ ସତେ ଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ○



ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ତୁମେ ଅଳକାପୁରୀର ବିରହୀ ଯକ୍ଷ
ରମଣୀ ଏକାନ୍ତ ସାଥୀ ଗୋ
ଯେବେ ଯକ୍ଷ ରମଣୀ ଅନାବୃତ ନାଭି
ଦେଖାଉଥିଲେ ଗୋ ରଂଗେ
ଯେବେ କୃଷ୍ଣ ଜଳଧର ଚୁଚୁକ ସମ
ଧରାବଧୂ କୁଚ ଅଗ୍ରେ
ଯକ୍ଷବଧୂଟି ପତି ସୁହାଗିନୀ ଶୀର୍ଣ୍ଣକାୟିକା ଗୋରୀ
ଅମରପୁରୀର ମୁକ୍ତ ବୈଭବେ ଉନ୍ମାଦ ନଭଚାରୀ
ବିରହୀ ଯକ୍ଷ ହେମକଙ୍କଣ ମଣିବନ୍ଧନ ଡିଏଁ
ନରୁଚେ ଅନ୍ନ ଅବା ବ୍ୟଞ୍ଜନ ପତ୍ନୀ ତନୁରେ ଚାହେଁ
ତୁମେ ସତେ କିନ୍ତୁ ଶୀର୍ଣ୍ଣ ଅଧରେ ବ୍ୟଥିତ ଥିଲେ ଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ○




ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ତୁମେ ଧାରା ଶ୍ରାବଣର ଅମାରାତ୍ରି ମଧୁ ସ୍ମୃତି ଗୋ
ଯେବେ ଗଭୀର ନିଶାରେ ଚକୋର ଲୋଡ଼ଇ ସାଥୀ
ନିରିମାଖୀ କଇଁ ସଲିଳ ସୋପାନୁଁ ଖୋଜଇ ଚନ୍ଦ୍ରମା ବୀଥି
ଯେବେ ତୁଳୀ ତଳପକୁ ବିରହିଣୀ ମଣେ ତୁଚ୍ଛ
କଦମ୍ବର ବାସ ମୁକୁଳିତ କୁଞ୍ଜେ ଇଚ୍ଛଇ ପ୍ରଣୟ ରାସ
ଯେବେ ତରୁଣୀ ବାଳାଟି ମୁଗ୍ଧ ନୟନେ କାନ୍ତ ଅୟନେ ଚାହିଁ
ଉଦ୍‌ବେଳିତ ତନୁ ମନଗହନରୁ ପ୍ରଣୟ କପାଟ ଫେଇ
ତୁମେ ମଧୁଚନ୍ଦ୍ରିକା ରଚ ଅଭିସାରୀ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦



ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ଶ୍ୱେତ ସୁମନର ବାସ୍ନାରେ ପରା
ବାସ୍ନାୟିତ ତୁମ କାନ୍ତି ଗୋ
ମହକିତ ତୁମ ଦେହର ଗନ୍ଧେ
ଆମୋଦିତ ବରବଧୂ
ଅଧରୁ ଚଖାଏ ପୀରତିର ରସ ବଦନ ପୂର୍ଣ୍ଣ ଇନ୍ଦୁ
ପଦର ନୂପୁର ନିକ୍ୱଣିତ ହୁଏ ତୁମ ବୟସର ସଙ୍ଗେ
ଚିର ପୁଷ୍ପିତ ରାଜପଥ ଧାରେ ପ୍ରେମିକ ଲୁଚଇ ରଙ୍ଗେ
ତୁମେ ପରା ରାତ୍ରି ପ୍ରୀତି ସୁହାଗିନୀ
ଅମାପ ପ୍ରଣୟ ଦାତ୍ରୀ
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦






ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ମୁକ୍ତ ବାତାୟନେ ପ୍ରଣୟ ବିଧୁରା
ପ୍ରିୟା ଦେଖେ ପ୍ରିୟ ବୀଥି ଗୋ
ଦେହ ଚାହେଁ ଦାହ ପ୍ରେମ ଯେ ପ୍ରଣୟ ରାସ
ମନ ନଈ ଚାହେଁ ପ୍ଲାବନେ ବିତୁ ବରଷର ବାର ମାସ
ଆଖିରେ ତୁମର ଶତ ଶତ ତାରା ଦେହେ ତୋଫା ଜହ୍ନ ରାତି
ଓଠରେ ପରା ଗୋ ମଦାଳସା ହସ, ଚିବୁକେ ଅଳକ ପନ୍ତୀ
ତୁମେ ପ୍ରଣୟ ନଦୀରେ ଅବଗାହୀବାରେ ସ୍ପନ୍ଦନ ଦିଅ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦



ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ତୁମ ଦେହେ ଯେବେ ବନ୍ୟା ଦୋଳଇ
ମୋ ଦେହେ ଅନଙ୍ଗ ତାତି ଗୋ
ଚିତ୍ରଲେଖା ମୁଁ ପ୍ରଣୟ ବୀଥିରେ
ମେଲିଛି କଅଁଳ ଶେଯ
ନଗର ବଧୂର ରୂପରେ ତୃଷ୍ଣା
ମନରେ ଅମାପ ଲାଜ
ଖିଆଲି ଓଠରେ ରଖିଛି ବାନ୍ଧି ନଗର ବଣିକ ଥୋକେ
ବୀଜଗୁପ୍ତର ଉଦ୍ଦାମ ଓଠେ ଚୁମିଛି ପ୍ରଣୟ ଭୋକେ
ଶ୍ୱେତାଙ୍ଗ ଅଙ୍ଗେ ଅନଙ୍ଗ ତାତି ଉଦ୍ଦାମେ ଦେଇଛ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦

ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ମୁଗ୍ଧ ବଧୂର ସ୍ନିଗ୍ଧ ତନୁରେ ଜଡ଼ି ରହ ତୁମେ ନିତି ଗୋ
ମନ୍ଦ ମଳୟ ମୃଦୁ ବହିଲେ
ଚନ୍ଦନ ବନ ଗନ୍ଧରେ ଯାଏ ଭରି
ମାନବତୀ ମାନ ଉଭେଇ ଯାଏଟି
ପ୍ରେମେ ସମ୍ବୋଧିଲେ ପ୍ରିୟା ନାମ ଓଠେ ଧରି
ତୁମ ଦେହ ବାଟିକାରୁ ଚୁନି ଚୁନି
ତୋଳିଛି ମୁଁ ସୁରଭିତ ଗୋଲାପ ସୁମନ
ଦେହ ବାସ୍ନା ଆସ୍ୱାଦିଛି ହୃଦଭରି
ଯେତେ ବାର ଦେଇଛି ଚୁମ୍ବନ
ତୁମେ ଚାହଁ ପରା ଦେହ ନଈ
ତୁମ ଉଦ୍‌ବେଳିତ ହେଉ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦





ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ଓଦା ଓଦା ଉଠେ ଚୁମିନିଅ ଥରେ
ଆଜି ମୋ ଛାତିର ତାତି ଗୋ
ତୁମ ଦେହ ସତେ ଅନଙ୍ଗ ବାଟିକା ପ୍ରେମ ଗୋଲାପରେ ଭରା
ଦେହ ଚାହେଁ ଦାହ, ପ୍ରେମ ଇଚ୍ଛେ ସ୍ନେହ, ସୃଷ୍ଟି ଯେ ରଙ୍ଗଭରା
ବାସନା ଅଟବୀ ପୁଷ୍ପିତ ଲଭୁ ଜୀବନ ନଦୀରେ
ଆସୁ ପଛେ ଶତ ବନ୍ୟା
ପ୍ରେମିକା ଇଚ୍ଛଇ ନିମଜ୍ଜିତ ହେବ ପ୍ରଣୟ ନଦୀରେ
ଜୀବନ ଲଭିବ ଧନ୍ୟା
ଚନ୍ଦନବନ ଗନ୍ଧ ବିତରଇ ମନ୍ଦମଳୟ
ଛୁଇଁଲେ ପରା ଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦

ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ମୁଗ୍ଧ ବଧୂର ସ୍ନିଗ୍ଧ ତନୁରେ
ଜଡ଼ି ରୁହ ତୁମେ ରାତ୍ରି ଗୋ
ଦେହ ବାଟିକାର ହେମ ପୁଷ୍ପ
ସତେ ତୋଳିବ ସୁମନ ଭାବି
ବାସ୍ନା ମୋହିତ ତନୁ ମୋ ହୁଅଇ
ଚୁମ୍ବନ ଅନୁରାଗୀ
ଚନ୍ଦନବାସ ଚହଟାଇ ଦିଏ
ମନ୍ଦମଳୟ ଛୁଇଁଲେ ତନୁରେ ଥରେ
ମାନମୟୀ ଓଠୁ ରଙ୍ଗ ଛୁଟେନା
ଗୋଲାପୀ ଅଧରେ ଚୁମ୍ବିଲେ ବାରେ ବାରେ
ତୁମେ ପରା ଚାହଁ ମନ ନଇ ତୁମ
ଉଦ୍‌ବେଳିତ ହେଉ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦



ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ତୁମ ବୟସର ଗଭୀରତା ମାପି
ଚେତାଶୂନ୍ୟ ହୁଏ ରାତ୍ରି ଗୋ
ଦୀର୍ଘ ପଥର ପଥିକ ପରା ମୁଁ ଶୀର୍ଣ୍ଣ ଜୀବନ ପଥ
ଝାଉଁବନ ଘେରା ବାଲୁକା ମଥାନେ
ନ ଚଳଇ ଅଂଗରଥ
ଭ୍ରାନ୍ତ ମନର ଅହମିକାଚୟ ନ ପାରଇ ମନୁ ତେଜି
ଭାଳଇ ମୁଁ ରାତ୍ରି ! ତୁମ ଗଭୀରତା
ଅହମିକା ଦେବ ଭାଜି
ମନ ତଡ଼ାଗର ସ୍ନିଗ୍ଧ ଉର୍ମିରେ ନିମଜ୍ଜିତ ତୁମେ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦



ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ମନ୍ଥନ ଯେବେ ଅନ୍ତରେ ଯାଗେ
ତୁମେଟି ଜଗାଅ ଧୃତି ଗୋ
ତଟିନୀ ହୃଦୟେ ପ୍ରୀତିର ଜୁଆର
ସାଗର ମିଳନ ଆସେ
ସ୍ନିଗ୍ଧ ମାନସେ ସତ୍ୱରେ ଧାଏଁ ଚତ୍ୱର ତଳ ଘାସେ
ପଠାର ମଥାନେ କାଶତଣ୍ଡୀ ଫୁଲ ଶୁଭ୍ର ବିତାନ ତୋଳି
ସୁମନ ବାସରେ ମହକାଇ ଦିଏ ଚତ୍ୱର ତଳ ବାଲି
ତୁମେ ପରା ଥାଅ ସାଗର ବେଳାର
ବାଲୁକା ମଥାନେ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦





ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ଶୀତଳ କାକର ଖଳାରେ ହେଜାଅ
ମଧୁର ସଂଗୀତ ସ୍ମୃତି ଗୋ
କମ୍ର ଘାସର ସବୁଜ ଚାଦର ଘୋଡ଼ିଛି ଧରଣୀ ରାଣୀ
ଶିଶିର ମୁକ୍ତା ଗଭାରେ ମଣ୍ଡିଛି ସିଲ୍କ ଲଭିଛି ଶ୍ରୋଣୀ
ମୀନର ଆଖିରେ ଚନ୍ଦ୍ରମା ଦେଖି ଗଗନ ବେଢ଼ିଛି
ପାଟ ପତନିରେ ଅଂଗ
ଆଗୋ ମଦାଳସୀ ତନ୍ମୟୀ ରାତ୍ରି ! ଇଚ୍ଛୁଥିଲ କି
ଗୋପନେ ପ୍ରିୟର ସଂଗ
ବୃନ୍ତ ବିଚ୍ୟୁତ ଅତସୀ ସୁମନେ ବାସ୍ନାୟିତ ଆଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦

ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ଚିର ଶାଶ୍ୱତ ପ୍ରେମର ସୌରଭ
ନିକାଞ୍ଚନେ ବାଣ୍ଟ ରାତ୍ରି ଗୋ
ମନ ଗହନର କ୍ରୌଞ୍ଚ ବିହଙ୍ଗ ମୂର୍ଚ୍ଛନା ଯେବେ ସୃଜେ
ଅନ୍ତରତଳ ଘଞ୍ଚ ଇଲାକୁଁ ମନ ପକ୍ଷୀ ଯେବେ ରାବେ
ହୃଦ କନ୍ଦରେ ମନ୍ଦର ସମ ମଧୁ ମୂର୍ଚ୍ଛନା ତୋଳି
ବିହଙ୍ଗମ ତୋଳେ ମଧୁ କାକଳୀ କୁଞ୍ଜକାନନେ ରୋଳି
ତୁମେ ପରା ରାତ୍ରି ନିମୀଳିତ ଆଖି
ମେଲି ଦେଖ ପ୍ରୀତି ରୀତି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦






ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ସରୋଜ ଶୋଭିତ ସରୋବର ଶେଯେ
ଶାୟିତ କି ତୁମେ ରାତ୍ରି ଗୋ
ପ୍ରବାଳ ଲତିକା ଜାଣଇକି
ସତେ ସାଗରର ଗଭୀରତା
ସାଗରର ଅଙ୍କେ ସରିତ
ମିଳନେ ନ ଥାଏ ବି ବ୍ୟାକୁଳତା ?
ପ୍ରଣୟିନୀ ହେଲେ ପ୍ରେମର ସାଗର ପ୍ରଣୟୀ ସରିତ ଧାର
ତରଙ୍ଗ ଭୃଭଙ୍ଗ ନମାନି ତଟିନୀ ଦିଏ ଝାସ ବାର ବାର
ପଦ୍ମବାସରେ ଗନ୍ଧବହ ସତେ ଗନ୍ଧାୟିତ ଆଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦



ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ତୁମ ଆଗମନେ ଚକ୍ରବାକ ପ୍ରେମଅନଳେ
ଦହିତ ରାତ୍ରି ଗୋ
ନଶୀଥର ଅନ୍ତେ ରଥାଙ୍ଗର ରବେ
ତୁମେ ସତେ ଯାଅ ଦ୍ରବି କି ?
ଉଦ୍‌ବେଳିତ ହୃଦେ ସାଶ୍ରୁ ଲୋଚନୁ ଅଶ୍ରୁ ପଡ଼ଇ ସ୍ରବି କି ?
ତୁମେ ପ୍ରଣୟୀ ଯୁଗଳ ପ୍ରୀତି ରୀତି ସତେ ଦେଖ
ଗଭୀର ନିଶୀଥେ ରଥାଙ୍ଗ ଯୁଗଳେ ଶାନ୍ତ୍ୱନା ବାଣୀ ରଖ
ଏକଇ ପୀରତି ମାନ ବଢ଼ାଇଲେ ଅପର ଲଭଇ ପ୍ରୀତି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦

ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ସାୟଂ ଆଗମନ ଶଂସିତ ତୁମେ ରାତ୍ରି ଗୋ
ଓଁକାର ନିନାଦେ ତପୋବନ ଭୂମି
ଝଂକୃତ ଯେବେ ଲଭେ
ଯଜ୍ଞ ନିକ୍ଷେପିତ ଘୃତାପ୍ତ ବହ୍ନିଶିଖା ଉଠେ ଉର୍ଦ୍ଧ୍ୱ ଭାଗେ
ଯୁବତୀ ଜରତା ଯୌବନ କାନ୍ତିରେ
ଲୋମପାଦ ତପ ଭଙ୍ଗ
ଓଠେ ନେଇ ବିମ୍ବ ଅଧର ରଙ୍ଗିମା
ମୋହିନୀର ମାୟା ରଙ୍ଗ
ମୁଂଦା ମୁଂଦା ମେଘ ମେଲାଇ ମୌସୁମୀ
ରଚଇ ସଂଗୀତ ପ୍ରୀତି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦




ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ନିର୍ଜନଉମ ନୈମିଷାରଣ୍ୟେ ବିଭ୍ରାଜିତ ଦମୟନ୍ତୀ ଗୋ
ନୈଷଧେୟ ଯେବେ କଳିର କରାଳେ ଭ୍ରମୁଥିଲେ ବନୁ ବନେ
ଶନିର କୁପିତ କୁଞ୍ଛ ଛାୟାରେ ରୋଦିତ ନୈମିଷାରଣ୍ୟେ
ଅଜ୍ଞେୟ ଅରଣ୍ୟେ ସୁବର୍ଣ୍ଣ ହଂସର ସ୍ୱର ସ୍ତମ୍ଭିତ ଲଭେ
ଏକ ବସ୍ତ୍ରେ ବେନିଜନ ବିତାଅନ୍ତି ଶର୍ବରୀ, ଦିବସ ଲଭେ
ତୁମେ କିନ୍ତୁ ରାତ୍ରି ସଂବୋଧିଥିଲ ଦମୟନ୍ତୀ ପ୍ରୀତି ଦାତ୍ରୀ
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦



ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ତମସା ତୀରର ଘଞ୍ଚ ବିପିନ
ସତେ ରାତ୍ରି ତୁମ ସାଥୀ ଗୋ
ତପସ୍ୱିନୀ ଯେବେ ସାଶ୍ରୁ ନୟନେ
ଲୋତକର ବନ୍ୟା ଢାଳି
ହୃଦୟ ବିପିନ ଘଞ୍ଚକାନନେ ବାଡ଼ବାଗ୍ନି ଚିତା ଜାଳି
ସ୍ନିଗ୍ଧ ଜୋଛନା ବହ୍ନି ଲାଗଇ ଅନୀଳ ଲାଗଇ
ବାତ୍ୟାର ବିଭୀଷିକା
ମନର କପୋତୀ ବିଳପି ଉଠଇ ହୃଦୟେ ଲାଗଇ
ମୃତ୍ୟୁର ଚିତ୍ରଲେଖା
ତୁମେ ପରା ରାତ୍ରି ଅଙ୍ଗେ ତୋଳ ଗୋ ତମସ୍ୱିନୀ ସ୍ନେହ ଦାତ୍ରୀ
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦




ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ତମସାର ଜଳେ ସ୍ନାତ ତୁମେ ରାତ୍ରି
ସଜଳ ସ୍ନେହ ଦାତ୍ରୀ ଗୋ
ତମସାର ତୀର ଘଞ୍ଚ ବିପିନ ରାତ୍ରି ଗୋ ତୁମ କୋଳେ
ଦେବର ଲକ୍ଷ୍ମଣ ବିସର୍ଜନ ହେରି ଭାଗୀରଥୀ ଊର୍ମି ରୋଳେ
ଦଗ୍ଧ ମାନସେ ରାଘବ ବଧୂର ସେନେହ କୋରକ ଭାବି
ରଜନୀ ଦିବସ ଏକାକାର ଲାଗେ କୁସୁମ ଲାଗଇ ପବି
କୋଳେ ତୋଳି ନେଲ ବୈଦେହୀଙ୍କୁ ତୁମେ
ଅନଙ୍ଗ ପରଶ ଦାତ୍ରୀ
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦






ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ପାଟଳୀ ଫୁଲର ଗନ୍ଧରେ ଭରା
ସତେ ରାତ୍ରି ତୁମ ଗାତ୍ରୀ ଗୋ
ଶରତ ନାଇଛି ଫୁଲର ଗଜରା ବନ କୁସୁମର
ବାସ ଅଛି ଚହଟାଇ
ଧରଣୀ ମେଲିଛି ତୂଳୀର ତଳପ ସତେ ରାତ୍ରି ତୁମ ପାଇଁ
କମ୍ର ଘାସର ନରମ ଶେଯରେ
ବନ୍ୟ ହରିଣୀ ମେଲିଛି ସୁନୀଳ ଆଖି
ବାତାୟନ ଧାରେ ମୁଗ୍ଧା କିଶୋରୀ ସିଗ୍ଧ ନୟନେ
ଦେଖଇ ପ୍ରଣୟୀ ବୀଥି
ସପନ ପଲଙ୍କେ ନିଟୋଳ ନିଦ୍ରାରେ ତୁମେ ମଗ୍ନ ଥିଲ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦

ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ଗଭୀର ନିଶୀଥେ ଚନ୍ଦ୍ରମା ସାଥେ ତୁମେ ପରା ଖେଳ ରାତ୍ରି ଗୋ
ଆଗୋ ମନସ୍ୱିନୀ ରାତ୍ରି ଗୋ ତୁମ ଅଧରର ରଙ୍ଗ ନେଇ
ବାଲସୂର୍ଯ୍ୟ ତନୁ ଅରୁଣିମା ଲଭେ ସତେ ନିଶି ତୁମ ପାଇଁ
ତୁମେ ପରା ରାତ୍ରି ନୀଳକଇଁ ଶୋଭା ସରସୀ ବକ୍ଷେ ଢାଳ
ତୁମେ ପରା ହୁଅ କନକ ଚଂପା ସୁରଭିରେ ମତୁଆଲ
ଚକୋର ପ୍ରାଣର ଇପ୍‌ସିତ ଭାଷାରେ ତନ୍ମୟୀ ତୁମେ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦







ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ଧରଣୀ ଉରସେ ଶାନ୍ତିର ବାର୍ତ୍ତା ତୁମେ
ପ୍ରସାର କି ରାତ୍ରି ଗୋ ?
ଗଭୀର ନିଶୀଥେ ବାତାୟନ ଧାରେ
ପ୍ରିୟା ମୋ କନକକଳି
ମୁଗ୍ଧ ଅୟନେ ପ୍ରତୀକ୍ଷାର ସୁରେ ତିତିକ୍ଷାର ସ୍ୱର ତୋଳି
ତୁମେ ପରା ରାତ୍ରି କଅଁଳ କଳିର ଅଧରେ ଫୁଟାଅ ହସ
କଅଁଳ ଶିଶୁର ଓଠରେ ଦିଅ ଗୋ ଅମୀୟ ପୀୟୂଷ ରସ
ସ୍ନିଗ୍ଧ ନୟନେ ନିଶିକାନ୍ତ ତୁମ ନୀବିରେ ନିହାରେ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦

ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ସୁନୀଳ ସାଗର ସଲିଳ ଶେଯରେ
ତୁମେ ନିଦ୍ରା ଯାଅ ରାତ୍ରି ଗୋ
ବିଶ୍ୱ ଗବାକ୍ଷେ କବିଟି ଦେଖଇ ଅମୃତ ମଧୁ ଭାଷା
ଉଦ୍‌ବେଳିତ ମନୁ ଝରଇକି ସତେ କବିତା ଦିବ୍ୟ ରସ।
ପ୍ରଣୟୀ କବିର ପ୍ରେୟସୀ ନାୟିକା ଗୁମାନୀ ସାଜଇ ସତେ
କବି ଲେଖନୀରୁ ଅମୃତ ଝରଇ ଅନ୍ତରରୁ ନୃତ ଛୁଟେ
କବି ଅନ୍ତରର ନିଭୃତ କୋଣେ ତୁମେ ଯେ ଜଗାଅ ପ୍ରେମ
କବି ଚେତନାରେ ପ୍ରେମ ନୁହେଁ ତାହା ଶାଶ୍ୱତ ଅନୁପମ
ମୁକ୍ତ ବାତାୟନେ ଦରଦୀ କବିରେ ଶାନ୍ତ୍ୱନା ଦିଅ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦



ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ତରୁଣ ପ୍ରାଣର କମ୍ର କାହାଣୀ କାଉଁରି ପରଶ ସାଥୀ ଗୋ
ପ୍ରଣୟିନୀ ମୋର ସ୍ୱପ୍ନ ବିଭୋରେ ତୁଳୀ ତଳପକୁ ନିନ୍ଦେ
ସତେ ସେ ଚତୁରୀ ପ୍ରଣୟ ପରଶେ ତୁମକୁ ବାହୁରେ ଛନ୍ଦେ
ଘନ ତମିସ୍ରାର ଅନ୍ତରାଳେ କବି ଲେଖଇ କବିତା ଚିର
ସପନର ଜାଲ ବୁଣି ବୁଣି ରାତ୍ରି ତୁମେ ସେ କବିରେ ହେର
ପ୍ରଣୟର ଭାଷା ଅଲଗା ଲାଗଇ ସତେ କି ତୁମରେ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦






ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ଆମ୍ର ବକୁଳ ମଧୁର ଗନ୍ଧେ ଗନ୍ଧାୟିତ ଆଗୋ ରାତ୍ରି ଗୋ
ଯେବେ ବାଁସ ବନର ତ୍ରସ୍ତ ପତରୁଁ ମଳୟ ଉଠଇ ଲୁଳି
ଯେବେ ନାରିକେଳ ଚ୍ୟୁତ ପୁନ୍ନାଗ ଶାଖା ପତର ଯାଅଇ ଝଳି
ଯେବେ ପଥହରା ଏକ ରୋଦିନୀ ପକ୍ଷୀ ବିସ୍ତୀର୍ଣ୍ଣ ଆକାଶେ ଭ୍ରମେ
ମନର କପୋତୀ ବିଳପି ପୁଡାର ଚନ୍ଦ୍ର ବଦନ ଚୁମେ
ତୁମେ ପରା ସତେ ପରମ ପ୍ରଶାନ୍ତି ପ୍ରଦାୟିନୀ ଆଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦


ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ନୀଳ ଗଗନରେ ତାରକା ସଂକୁଳ
ବିଲୋକନେ ମଗ୍ନ ରାତ୍ରି ଗୋ
ଗଭୀର ନିଶୀଥେ ପ୍ରଣୟିନୀ ଯେବେ
ପ୍ରଣୟ ବୀଥିରେ ଧାଏଁ
ମାନେନା ସମାଜ ନିଗୁଢ଼ ବନ୍ଧନ ପ୍ରିୟରେ ସତୃଷ୍ଣେ ଚାହେଁ
ମନର କୁରରୀ ବିଳପି ଉଠଇ ଅଶାନ୍ତ ଲାଗଇ ଜହ୍ନ
ନିଶି ତୁମ କାନ୍ତି ଶ୍ରେୟ ଲାଗେ ପରା ଋତୁରାଜ ଲାଗେ ଭିନ୍ନ
ସକଳ ପରାସ ହୃଦେ ବହି ତୁମେ ପ୍ରିୟାରେ ନିର୍ଭୟ ଦାତ୍ରୀ
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୧





ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ପୁଣ୍ୟଗନ୍ଧା ରସା ପହିଲି ବର୍ଷାର
ଶବ୍ଦେ ନିମଜ୍ଜିତ ରାତ୍ରି ଗୋ
ନାଲି ଟୁକୁଟୁକୁ ସାଧବ ବୋହୂଟି
ତନ୍ମୟେ ଲୁଚି ଖେଳେ
ସୁନ୍ଦରତମ ବିଶ୍ୱମୟୀ ମାତା
ଉରସେ ଲୋଟଇ ଭୋଳେ
ବ୍ରୀଡ଼ାବତୀ ସେଇ ମୃଗ୍ଧା
କିଶୋରୀ ବାଙ୍କନୟନେ ଚାହେଁ
ସରଳ ତରଳ କୁଆଁରୀ ମନରେ ଲକ୍ଷେ ଭାବନା ଉଏଁ
ବିଭାବରୀ ଅନ୍ତେ ରଜନୀ ଉପାନ୍ତେ ତୁମେ ପରା ଉଠ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୧

ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ମନରେ ଲାଗଇ ଶତ ଉଦ୍‌ବେଳନ
ହୃଦୟେ ଜାଗଇ ଭ୍ରାନ୍ତି ଗୋ
ଯେବେ ଯୋଗୀ ଗାଏ କେନ୍ଦରାରେ ଗୀତ
ସଜନୀ ଉଠଇ ଚେଇଁ
ପ୍ରଣୟ କାତରେ ସଫରୀ ନୟନା ଅୟନେ ନୟନ ଫେଇ
କଅଁଳ ଖରାର ତାତିଟି ଉଛୁଳେ କଅଁଳ ପ୍ରିୟାର ଅଙ୍ଗେ
କର ଲେଉଟାଇ ଉଠେ ମୋ ସଜନୀ ପ୍ରିୟକୁ ହେଜଇ ରଙ୍ଗେ
ନୈଶ ଅଧିବାସେ ବାଂଧ କବରୀ ତୁମେ ଗୋ ତନ୍ମୟୀ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦




ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ନିଧୁବନ ଶେଷେ ପ୍ରେୟସୀ ମାନସେ
ତନ୍ଦ୍ରା ପଖାଳ ରାତ୍ରି ଗୋ
ଯେବେ ଅପାଂପତି ହୃଦେ ସରିତ ଦିଅଇ ଝାସ
ନୀଳ ବୀଚିମାଳା ଉଦଧିଚରଣେ ମଥା ପିଟି ଲଭେ ପ୍ରାସ
ଅମ୍ବୁଧି ସତେକି ବୁଝଇ ତଟିନୀ ମନର ଅକୁହା ଭାଷା
ନୀଳ ବୀଚିମାଳା ବୁଝନ୍ତି କି ସତେ ନୀଳିମାର ପରିଭାଷା
ତୁମେ କିନ୍ତୁ ରାତ୍ରି ସକଳେ ଆବୋରି ଦାନ କର ପ୍ରେମ, ପ୍ରୀତି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ○





ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ପ୍ରେମର ଭାଷା ଯେ ନିଆରା ଲାଗଇ
ପ୍ରଣୟିନୀ ଲଭେ ଭ୍ରାନ୍ତି ଗୋ
ଘନ ଗିରିଷମ ରୌଦ୍ର ଜାଳରେ ସରସୀ ତନୁଶ୍ରୀ କୃଶ
ପ୍ରଣୟିନୀ ଓଷ୍ଠଧାରେ ସ୍ୱେଦବିନ୍ଦୁ ଲାଗେ ହୀରକ ସଦୃଶ
ଦ୍ୱିଷାମ୍ପତି ପ୍ରେମ କିରଣ ଜାଳରେ ଉଷା କି ହୋଇଲା ଲୀନ
ପ୍ରେମର ଉଷ୍ମ କାମୁକ ଜ୍ୱାଳାରେ ପ୍ରମଦା ହୁଅଇ ମ୍ଳାନ
ଗିରିଷମ ଅଙ୍ଗେ ଶୀତଳ ଚନ୍ଦନ ତୁମେ ପରା ଲେପ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦




ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ନିଦାଘର ଶେଷେ ବର୍ଷା ବିଧୁର ତମସ୍ୱିନୀ ଆଗୋ ରାତ୍ରି ଗୋ
ଛଇଳ ପରାଣ ଉକୁଟି ଉଠଇ ଅନଙ୍ଗ ପ୍ରେମରେ ମାତି
ଘନ ପ୍ରାବୃଟେ ଉତ୍ତପ୍ତ ଧରଣୀରାଣୀ ଲଭେ ମହାଶାନ୍ତି
ଋତୁରାଜ ଡାକେ ଘନ ଉଟଜୁ ଛଇଳ ରହଇ ଚାହିଁ
ସତେକି ଆସିବ ଦୂର ପରବାସୀ ତେଜି ପରବାସ ଭୂଇଁ
ତୁମେ ପରା ରାତ୍ରି ତନ୍ମୟେ ଦିଅ ପ୍ରିୟାରେ ପରମ ଶାନ୍ତି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦

ରାତ୍ରି ଗୋ ତୁମେ ଧାତ୍ରୀ ଗୋ
କଅଁଳ ମନର ନରମ ଓଠରେ ସରମେ ଜଡ଼ାଅ ରାତ୍ରି ଗୋ
ନଦୀ ପଥଧାରେ କାଶତଣ୍ଡୀ ଯେବେ ଶୁଭ୍ର ଚାମରେ ଖେଳେ
ନିମ୍ନଗା ସେଇ କୁଆଁରୀ କନିଆଁ ସାଗର ସଂଗମ ଲୋଡ଼େ
ଗମନ ପଥରେ ସୁନୀଳ ବାଟିକା ସବୁଜ ଧାନର କ୍ଷେତ
ସବୁରେ ରହିଛି ଜୀବନର ସ୍ୱାଦ ସବୁରେ ଜୀବନ ହାତ
ଅଙ୍କା ବଙ୍କା ନଇ ଶିଖାଉଛି ସତେ ଜୀବନର ନବ ଛନ୍ଦ
ତଟ ବୃକ୍ଷରାଜି ସମୀର ହିଲ୍ଲୋଳେ ଛନ୍ଦାୟିତ ମୃଦୁ ମନ୍ଦ
ବାୟା ଚଢ଼େଇଟି ବୃକ୍ଷ ମଥାନୁ ହାତ ଠାରି ଡାକେ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦



ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ମେଘ ମେଦୁରିତ ଆକାଶ ବକ୍ଷେ
ତୁମେ ଶଯ୍ୟାୟିତ ରାତ୍ରି ଗୋ
ନବ କିଶଳୟ ଅରୁଣିମା ଲଭେ ବର୍ଷାର ମଧୁର ସ୍ପର୍ଶେ
ଅଳ୍ପ ଦିନର ଗନ୍ଧ ଅନେକ ଭରିଛି କଳିକା ଓଷ୍ଠେ
ଶୁଭ୍ର ବଳାହକ ଗଗନେ ଭାସଇ ଧରଣୀ ରାଣୀର ଶାଢ଼ୀ
ନବ ଦୁର୍ବାଦଳେ ମଣ୍ଡିତ ମହୀ ଶାଢ଼ୀରେ ତନୁଶ୍ରୀ ଜଡ଼ି
ପୁଷ୍ପିତ ଲଭେ ପାଦପଚୟଗୋ ଜନ ମାନସେ ଅନଙ୍ଗ
ସଜନୀ ଦେଖଇ ମୁଦ୍ରିତ ନୟନେ ପ୍ରିୟର ଆସିବା ଢଙ୍ଗ
ବାରିବାହ ସଙ୍ଗେ ପ୍ରେମ ଅଭିସାର ସତେ ତୁମେ ରଚ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦






ରାତ୍ରି ଗୋ ତୁମେ ଧାତ୍ରୀ ଗୋ
କୃଷ୍ଣ ବଳାହକ ଅନ୍ତରାଳେ ତୁମେ
ନିସ୍ତବ୍ଧେ ବିହର ରାତ୍ରି ଗୋ
କୃଷ୍ଣ ଜଳଧର ଗଗନେ ବିଲୋକି
କେକୀ ବନଭୂମେ ରଚେ ପ୍ରେମ ଅଭିସାର
ବାରବଧୂ ଯାଏ ଶୃଙ୍ଗାରେ ମଜି
ଆନ ପାଇଁ ରଚେ ପୁଷ୍ପର ଉପଚାର
ଘନ ପ୍ରାବୃଟ ଧାରା ନୁହେଁ ସତେ
ଅମୃତ ସଂପୁଟ ହସ୍ତେ ଧରିଛି ଧରା
ଜୀବନ ଦେଇଛି ଘଞ୍ଚ ପଲ୍ଲବେ
ପ୍ରେମେ ଆପ୍ଲୁତ ସତେକି ବିଶ୍ୱମ୍ଭରା
ପ୍ରିୟା କୁନ୍ତଳେ ହସ୍ତ ପ୍ରସାରି
ପ୍ରିୟ ମଣେ ଯେହ୍ନେ ସ୍ୱର୍ଗ ବୈଭବେ ବୁଡ଼ି
ସଜନୀର ଓଷ୍ଠେ ହସର ମଦିରା
ପ୍ରିୟ ନାହିଁ ପାରେ ପ୍ରଣୟର ପଥ ଛୁଡ଼ି
ସଜନୀ ଓଠର ଅମୃତେ ତୁମେ ରସାଣିତ ଆଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦




ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ଆକାଶେ ଦିଅ ଗୋ ଅରୁଣ ପ୍ରଲେପ
ହୃଦେ ଜନମାଅ ମୈତ୍ରୀ ଗୋ
ମୃଦୁ ମନ୍ଦ ସେ ମଳୟ ବହଇ ଧୀରେ
ଅବିର ରଙ୍ଗେ ରଙ୍ଗାଇଛି ସତେ ପ୍ରିୟାର ଅଧର ଧାରେ
ସୁନୀଳ ତଡ଼ାଗେ କୁମୁଦିନୀ ରଚେ ନିଶାକର ସଙ୍ଗେ ପ୍ରୀତି
ସ୍ନିଗ୍ଧ ନୟନେ ଦିନକର ଅସ୍ତେ ଚାହିଁଥାଅ ଆଗୋ ରାତ୍ରି
ସୂର୍ଯ୍ୟ ନଇଁଲେ ପ୍ରତୀଚୀ ମଥାନେ ସ୍ୱର୍ଣ୍ଣ ଅବିର ବୋଳି
ତୁମେ ପରା ରାତ୍ରି ଉଙ୍କି ମାର ଗୋ ମଥାକୁ ଊର୍ଦ୍ଧ୍ୱେ ଟେକି
କନକଚଂପା ସୌରଭରେ ଆଜି ସୁଗନ୍ଧିତ ଆଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦

ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ମନ ଉପବନେ ମଳୟ ଛୁଇଁଲେ ଚନ୍ଦନ ଉଠେ ମାତି ଗୋ
ଗନ୍ଧବହ ସେ ଚନ୍ଦନ ଦେହୁଁ ଉତ୍ତାଳ ବାସନା ନେଇ
ରାତ୍ରି ଗୋ ତୁମ ଦେହ ସୁଗନ୍ଧିତ ଗଙ୍ଗଶିଉଳି ଛୁଇଁ
ରଜନୀଗନ୍ଧା, କାମିନୀ, ତରାଟ, ବନଫୁଲେ ବାସ୍ନାୟିତ
ଆଗୋ ନିଶି ତୁମେ ନିଶାକର ପ୍ରେମେ ସତେ ହୁଅ ମଦମତ୍ତ
ସାଇଁ ସାଇଁ ସାଇଁ ଗରଜକି ରାତ୍ରି ନିରିଜନେ ନିଶା କାଳେ
ନିଦ୍ରା ବିହ୍ୱଳିତ ସକଳ ବିଶ୍ୱ ଆଶ୍ରିଯାନ୍ତି ତୁମ କୋଳେ
ସକଳ ହୃଦୟେ ଆଶାର ସଂଚାର କର ତୁମେ ଆଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦



ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ଚନ୍ଦନ ବନ ମହ୍ନିତ ହେଲେ ଉରଗ ଉଠଇ ମାତି ଗୋ
ଘଞ୍ଚ ବନାନି ଉଦ୍‌ବେଳିତ ହେଲେ ଶିଖରୀ ଶୀର୍ଷେ ଝଡ଼
ଉନ୍ମିଳିତ ଚକ୍ଷୁ, ଉଦ୍‌ଗମିତ ଅଶ୍ରୁ ହର୍ଷର ତୀକ୍ଷ୍ଣ ମୋଡ଼
ଉତ୍ତୁଙ୍ଗ ଭୂଧର ଶୀର୍ଷେ ବଳାହକ କୃଷ୍ଣ କାଳିମା ବୋଳେ
ମନ ମନ୍ଦିରୁ ସୃଜନୀର ଗନ୍ଧ ନିସ୍ପନ୍ଦେ ସ୍ପର୍ଶ ଲୋଡ଼େ
ସାଗର ବେଳାର ସିକ୍ତ ବାଲୁକା ନିଚୟେ ରଚିବା ବନ୍ଧ
ଉଷ୍ଣ ମାଟିର ଗନ୍ଧ ଆସ୍ୱାଦିବା ନାସିକା ସ୍ପର୍ଶେ ମନ୍ଦ୍ର
କୁମୁଦିନୀ ମଥା ଆନ୍ଦୋଳିତ ହେଲେ ଚନ୍ଦ୍ରମା ଲଭେ ଶାନ୍ତି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦






ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ସଜନୀର ଗୋରୀ ତନୁ ବଳୟରେ ତିଳ ପୁଷ୍ପର ରତି ଗୋ
ନୀବିବନ୍ଧନ ଖୋଲି ଦିଅ ସଖୀ ଅଙ୍ଗୁବାସ ଯାଉ ହଟି
ମୁଗ୍ଧ କବି ମୁଁ କାବ୍ୟ ମାନସେ ଦେଖେ ସୁବିମଳ ମୂର୍ତ୍ତି
ଶୁଭ୍ର ମୟୂଖେ ପ୍ରିୟାର ତନୁଶ୍ରୀ ଉଜ୍ଜ୍ୱଳିତ ହେବ ଯେଣୁ
ନିରେଖି ସେ ମୂର୍ତ୍ତି ଅନନ୍ତ ସ୍ଫୁର୍ତ୍ତି ହୃଦେ ସଞ୍ଚରିବ ତେଣୁ
ତନ୍ଦ୍ରିତ ରାତ୍ରି ପାଇଯାଅନା ଗୋ କୃଷ୍ଣ କାଳିମା ବୋଲି
ଲୁଚାଇ ନିଅ ଗୋ ପ୍ରଣୟୀ ଯୁଗଳେ ପ୍ରସାରି ପ୍ରସସ୍ତ ଚେଲୀ
ଧନ୍ୟଗୋ ରାତ୍ରି ତୁମେ ଦେଖ ପରା ତନ୍ମୟେ ପ୍ରୀତି ରୀତି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦

ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ମୁଗ୍ଧ ବଧୂରେ ମଞ୍ଜୁମଧୁରେ ତୁମେ ଜନମାଅ ପ୍ରୀତି ଗୋ
ମୁକ୍ତ କବରୀ ମେଲି ଆସ ପ୍ରିୟା ତନ୍ମୟେ ପାଦ ଥାପି
କହଇ ପ୍ରିୟଗୋ ଚନ୍ଦ୍ରମା ମୋରେ ଉପହାସ କରେ ଡାକି
କଜ୍ଜଳନିଭ ନିଶାର ନିକଷେ ତୁମେ ପରା ପ୍ରିୟ ବନ୍ଧା
ନ ହେରିବା ପାଇଁ ଉଷା ରୂପସୀର ଚରଣ ଶିଶିରେ ଛନ୍ଦା
ପର୍ଣ୍ଣ ମେଦୁର ଆମ୍ର ବନରେ ବକୁଳର ମଧୁ ବାସ
ବସନ୍ତ ପବନେ ଚହଟି ଆସଇ ବାସର ମଧୁର ହାସ
କାହିଁ ଗଲ ତୁମେ ରାତ୍ରି ଗୋ ସତେ ଉଷସୀ ଆସିଲା ନଇଁ
ଧରଣୀ ରାଣୀ ମୋ ହେମ ବରଣାଟି ପାଟଳ ରାଗକୁ ନାଇ
ଆସ ଗୋ ଆସ ଗୋ ମଧୁଛନ୍ଦାମୟୀ, ଆସ ଗୋ ତନ୍ମୟୀ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦



ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ନିସ୍ତବ୍ଧ ନୀରବ ନିଶୀଥେ ତୁମରି ପାଦ ଟଳମଳ ରାତ୍ରି ଗୋ
ରଭସେ ଆସଗୋ ଚନ୍ଦ୍ରମା ସାଥେ ଅନ୍ଧକାର ଲଭୁ ଅନ୍ତ
ମଧୁପ କାକଳୀ ମନେ ଜନ୍ମାଏ ଅଚିରେ ଅସାର ଦ୍ୱନ୍ଦ୍ୱ
କୁହଗୋ ମାନସୀ ସେ କେଉଁ କବିତା ମୁଗ୍ଧ କବିରେ ଡାକେ
କୁହଗୋ ତନ୍ମୟୀ ସେ କେଉଁ ଲଗନ ରୂପ ସଉରଭ ମାଗେ
କବିତାର ଛନ୍ଦ ଉକୁସି ଉଠଇ ବୁକୁ ସରସିତ କରି
ମନର ନଦୀଟି ଉଜାଣି ବହଇ ତୀର ଜଘନକୁ ପାରି
ଆସ ଆସ ଆଗୋ ତନ୍ମୟୀ ରାତ୍ରି ଯିବା ନୀଳ ରଙ୍ଗେ ମାତି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦






ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ଅସମ ପଥରେ ଶକଟ ଚଳାଇ ତୁମେ ଗତିଶୀଳ ରାତ୍ରି ଗୋ
ଶାନ୍ତ ଶୀତଳ ମୋ ଗାଆଁ ବସନ୍ତ ପବନକୁ ଅନୁଭବୀ
ଓସ୍ତ ଗଛର ତୀକ୍ଷ୍ଣ ପତ୍ରରୁ ବର୍ଷାର ଧାରା ସ୍ରବି
ବଗୁଲୀ ଖେଳୁଛି ଘାସ ପଡ଼ିଆରେ ପ୍ରୀତିର ଗଜଲ ଗାଇ
ମୀନ ଆଖିଠାର ପାଣିରୁ ମାରୁଛି ବଗୁଲାରେ ପାଶେ ରାଇ
ଦେଉଳୀ ପାହାଡ଼ କୋଳରୁ ଝରୁଛି ଶ୍ରାବଣର ବାରି ଧାରା
ଗିରିଡ଼ିବଣରୁ କୁମ୍ଭାଟୁଆ ଡାକି କବିକୁ ହକାରେ ପରା
ଚାଳ ନିଗିଡ଼ା ସେ ଶୁଦ୍ଧ ଜଳରେ ତୁମେ ସ୍ନାନରତା ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦



ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ବନ ହରିଣୀର ଶିଶୁ ଶାବକଟି ତୁମେ ହକାରଇ ରାତ୍ରି ଗୋ
ରାତ୍ରିରେ ବର୍ଷା ଗୁଞ୍ଜି ଉଠଇ ଶ୍ରାବଣୀର ଗୀତି ଗାଇ
ମନର ଆଖିରୁ କବିତା ପଢ଼ଇ ନୀଳିମାର ରଙ୍ଗ ନାଇ
ମେଘ ଡମ୍ବରୁ ଉଦ୍‌ବେଳିତ ହୋଇ ବଳାହକ ଯେବେ ଡାକେ
କଅଁଳ କବିର ସ୍ନିଗ୍ଧ ପରାଣେ କବିତାର ସ୍ରୋତ ଯାଗେ
ମନର ମୁକୁରେ ସାଧବବୋହୂର ରଙ୍ଗେ ଚାଲିବା ଢଙ୍ଗ
ପୂର୍ବରାଗର ଅରୁଣ ମଥାନେ ସ୍ନେହର ପରଶ ରଙ୍ଗ
କବିର ହୃଦୟେ ପ୍ରୀତିର ପରଶ ତୁମେ ଆପି ପାର ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦

ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ବଗୁଲା ବଗୁଲୀ ନଭସେ ଖେଳନ୍ତି ତୁମ ଆଗମନ ଚିନ୍ତି ଗୋ
ଅସ୍ତରାଗର ଅରୁଣ କିରଣେ ସ୍ୱର୍ଣ୍ଣାଭ ପ୍ରତୀଚୀ ନଭ
ଚନ୍ଦ୍ରମାରେ ଛାଇ କୁହ ତୁମେ ରାତ୍ରି ଉଦିତ କ୍ଷିପ୍ରେ ଲଭ
ଅଳସ ମନରୁ କଲୁଷ ପ୍ରସାରି ତମ ନାଶେ ନିଶିକାନ୍ତ
କମଳିନୀ ସରେ ଆଖି ମୁଦି ହୃଦେ ଚିନ୍ତଇ ଅବିରତ
ବୃକ୍ଷ ବାଟିକା ସବୁଜ କେଦାରେ ସବୁଜିମା ତେଜେ କ୍ଲାନ୍ତି
ଅଂଶୁମାନ ଅଂଶୁ ପ୍ରଦାନେ ସତେ କି ନଳିନୀ ଉଠିବ ମାତି
କାର୍ଯ୍ୟ, କରଣ, କ୍ଳାନ୍ତ, ଶରଣ ସବୁ ତୁମ କୃତ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦






ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ଯେ ଅୟନେ ତୁମେ ପାଦ ଥାପ ରାତ୍ରି
କୁମୁଦ ହୁଅଇ ବିଞ୍ଝି ଗୋ
ହେମ କନିଅର କହେ ମଥା ଟେକି
ଆସ ଗୋ ତାମସୀ ରାଧା
ଅନ୍ତର ତଳ କାଳିମାକୁ ଧୋଇ ବୁହାଇବା ପ୍ରେମ ସୁଧା
ତୁମେ ରାତ୍ରି କୃଷ୍ଣ କବରୀ ବାନ୍ଧି ସେନେହ ପରଶେ କୁହ
କାହିଁକି ମାନସୀ ରୂପର ଗରବେ ମତୁଆଲା ତୁମ ଦେହ ?
ଅନ୍ତର ତଳ ମନ୍ତର କଥା ଖୋଲି କୁହ ଆଗୋ ସଖୀ
ପରାତ୍ପର ସେହି ଅନନ୍ତ ମୂରତି ହେବେ ଆମ ପ୍ରେମ ସାକ୍ଷୀ
ତନ୍ମୟୀ ସବୁ ଅନ୍ତର ଦେଖ ନିଶୀଥିନୀ ଆଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦



ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ଅଗନା ଅଗନି ବନସ୍ତର ଶେଯେ ବିନିଦ୍ର ତୁମେ ରାତ୍ରି ଗୋ
ଆମ୍ର ବନରେ କପୋତୀ ବଧୂଟି ପୁତାର ବିରହେ କାନ୍ଦେ
ସେରକ ପୁରିଲା ମାଣକ ପୁରିଲା ଉଠ ଉଠ ପୁତା ମନ୍ଦ୍ରେ
ଛୁଆ କପୋତଟି ଜାଣେ କି ତା' ମାତା ଅନ୍ତର ତଳ ବ୍ୟଥା
ହୀନ କରମକୁ କୋଡ଼ି ହୁଏ ଯାର ମର୍ଦ୍ଦିତ ମର୍ମ କଥା
ତୁମେ ସେତେବେଳେ କନ୍ଦରା ମଧ୍ୟୁ ବିଳପି ଉଠଗୋ ରାତ୍ରି
କପୋତ କପୋତୀ ବିଳାପ ସହିତ ତାଳ ମିଳାଅ ଗୋ ଧାତ୍ରୀ
ତୁମେ ସକଳ ଦୁଃଖରେ ମନ୍ଥିତ ଆଗୋ ରାତ୍ରି !
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦

ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ଭଲ କରି ନାଆ ବାହଇ ନାଉରୀ ଯେଉଁ ପଥେ ତୁମେ ଯାତ୍ରୀ ଗୋ
ଜାଇ କାନ୍ଦେ ବସି କରମ ବାହୁନି ପୁଣ୍ୟତୋୟାର ଜଳେ
ପିଅର ବୁଝେ କି ପୁତ୍ରିକା ବେଦନା ପାଶୋରଇ ସବୁ ହେଳେ
ମର୍ମର ଶଯ୍ୟା ଗର୍ମ ଲାଗଇ ଶର୍ମେ ନଅଁଇ ମଥା
ରାତ୍ରି ଗୋ ତୁମେ ସବୁ ଦେଖି ଦେଖି ଲଭ କି ପରମ ବ୍ୟଥା
ମନ ଭାଳେ ଆନ, କର୍ମେ ଫଳେ ଆନ ଯାହା ନିରନ୍ତର ଘଟେ
ଭୀରୁ ଯେ ମରଇ ଶତବାର, ହସ କର୍ମିଷ୍ଠ ମୁଖେ ଫୁଟେ
ସବୁ ତୁଳି ପାର ଜ୍ଞାନର ତଉଲେ ତୁମେ ପରା ଆଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦






ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ବନ୍ଦୀଶାଳାରେ ବନ୍ଦିନୀ ପାଇଁ ତୁମେ ଚର୍ଯ୍ୟାକାରୀ ରାତ୍ରି ଗୋ
ଲୌହ କପାଟର ଉନ୍ମତ୍ତ ଶବ୍ଦେ ତନ୍ଦ୍ରିତ ବନ୍ଦୀଶାଳା
ଦେବକୀ କାନ୍ଦଇ ଅନ୍ତର ଫେଇ ଦଗ୍ଧ ହୃଦୟ ଜ୍ୱାଳା
କେହି ଶୁଣେ ନାହିଁ କେହି ବୁଝେ ନାହିଁ କରୁଣ ହୃଦୟ ଭାଷା
ଜଗତ ବଲ୍ଲଭ ସୃଷ୍ଟିର ପାଇଁ ଗଢ଼ିଲେ ଅନନ୍ତ ନକ୍ସା
ଯଶୋବନ୍ତୀ ମାତା ହୃଦୟ ଛୁଇଁଲେ ରାତ୍ରି ଅନ୍ଧକାର ଭେଦି
କନକ ଚଂପା ଫୁଟିଲା ସତେକି ଦୂର ଦିଗ୍‌ବଳୟ ଖେଦି
ସବୁରି ଆଖିର ଭାଷା ବୁଝିପାର ତୁମେ ପରା ଆଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦

ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ଝରା ଫଗୁଣର ଭିଜା ମାଟି ପରେ ତୁମେ ନିଦ୍ରାୟିତ ରାତ୍ରି ଗୋ
ଘାସ ବିଛଣାରେ ଦିବସ ଶୋଇଛି ତପନର ଅଂଶୁ ପରେ
ମେଘର ଓଢ଼ଣୀ ମଥାରେ ନାଇଛି ବସା ଦିଗ୍‌ବଳୟ ଧାରେ
ଧରଣୀ ନାଇଛି କୃଷ୍ଣଚୂଡ଼ା ପାଟ କଦମ୍ବ ବିତରେ ବାସ୍ନା
କଅଁଳ କଅଁଳ ଘାସର ତଳପେ କାକର ଭୂମିରେ ଲଗ୍ନା
ବୃକ୍ଷ ପାଟଳିରେ କଦମ୍ବ ଫୁଲର ମୁଗ୍ଧ ଶୁଦ୍ଧ ଅଭିସାର
ମରାଳ ମାଳାର ଶୁଭ୍ର ବିତାନେ ଗଗନେ ଲମ୍ବିଛି ହାର
ତୁମେ ଗୋ ରାତ୍ରି ସକଳ ବିଶ୍ୱେ ଉଡ଼ାଅ କେତନ ଜୈତ୍ରୀ
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦






ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ପ୍ରେୟସୀ ଖେଳଇ ରାତ୍ରିର କୋଳେ ପ୍ରଣୟ କୌଶଳେ ମାତି ଗୋ
ଅଭ୍ରଂକଷ ବକ୍ଷେ ବଳାହକ ମେଳେ ଦାମିନୀ ଉଠଇ ରୋଳି
ବରଷା କହଇ ପ୍ରିୟ ବଳାହକ ବରଷି ଭିଜା ମୋ ଚେଲୀ
କଦମ୍ବ ପାଦପେ ଗୁଣ୍ଡୁଚି ଖେଳଇ ବାରିଧାରା ରାହା ଚାହିଁ
କୃଷ୍ଣଚୂଡ଼ା କହେ ରଙ୍ଗ ପସରା ମେଲିଛି ବରଷା ପାଇଁ
ମୁହୂର୍ତ୍ତେ ହେଉ ପଛେ ଗୋ ବରଷା ରସ ବରଷାଇ ଯାଅ
କନକ ଚଂପା ବାସରେ ଭାଙ୍ଗିଛି ଗଙ୍ଗଶିଉଳି ମୋହ
ପ୍ରତୀକ୍ଷାର ଅନ୍ତ ଘଟାଇ ପରଶ ପରଷି ଯାଅଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦




ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ଅନ୍ତର ତଳ ମନ୍ତର କଥା ପ୍ରିୟରେ କୁହ କି ରାତ୍ରି ଗୋ
ଜଗନ୍ନାଥ ଜଗନ୍ନାଥ ହୁରି ପଡ଼େ କଳାହାଟ ଦ୍ୱାରେ ଥାଇ
ଅନନ୍ତ ବ୍ରହ୍ମାଣ୍ଡ ଜୀବ ଫେରାଦିଆ ହୁଅନ୍ତି ଯେବଣଠାଇଁ
ପଣ୍ଡା କହେ ମଣିମା ହେ ଅବଧାନ ହେଉ ପାହିଲାଣି ରାତ୍ରି
ରାତ୍ରି କହେ ମଣିମା ହେ ଦୋଷକ୍ଷମ ମଠ ନକର ହେ କ୍ଷେତ୍ରୀ
ଯମୁନାର ନୀଳବେଣୀ କହିଲାଣି କଦମ୍ବ ବୃକ୍ଷରେ ଡାକି
କେଉଁ ନୂପୁର ଗୁଞ୍ଜନ ଶୁଣିବାକୁ ହେ କଦମ୍ବ ଅଛ ଟାକି
ପ୍ରତୀକ୍ଷାର ଅନ୍ତ ଘଟାଇ ତୁମେ ଦେଖାଦିଅ ଆଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦

ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ମନ ଅଳିନ୍ଦରେ ନିଭୃତେ ତୁମେ କରାଘାତ କର ରାତ୍ରି ଗୋ
ମୁହୂର୍ତ୍ତଟେ ପାଇଁ ମୋ ମନର ଫୁଲ୍‌ଗୁଧାରା ଉଜାଣି ନ ବହୁ
ଦଣ୍ଡଟିଏ ପାଇଁ ପ୍ରଶାନ୍ତ ଧବଳ ଦିବସ ଲୁଚି ନଯାଉ
ହେ ମୋର ଉଦ୍‌ଗ୍ରୀବ ବୟସ ହେ ତୁମେ ରହ ଦଣ୍ଡେ ଅବା କ୍ଷଣେ
କାମନାର ନଦୀ ମୋର ଶୁଖିନାହିଁ ପିଙ୍ଗଳାର ଚର୍ଯ୍ୟା ମଣେ
ମେଘ ମେଦୁରିତ ଆକାଶରେ ଆଜି ଛାଇଛି କୃଷ୍ଣ କାଳିମା
ହାତ ଠାରି ଡାକେ କ୍ଷଣେ ରୁହ ରୁହ ବିତି ଯାଉଛି ତ୍ରିଯାମା
ତମସ୍ୱିନୀ ଆଗୋ ଚିର ତରଙ୍ଗିତ ଆଶା ଭରା ପ୍ରେମୀ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦






ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ଅୟନ ହରା ଏ ପାନ୍ଥ ଖୋଜଇ ନିଭୃତେ ତୁମକୁ ରାତ୍ରି ଗୋ
ପାନ୍ଥଶାଳାର କାନ୍ଥ କହଇ କେତେ ଯେ ଥାପିଲେ ପାଦ
ବାତାୟନ ଧାରେ ରାତ୍ରି ଗୋ ତୁମେ ପରଷ ପ୍ରେମର ସ୍ୱାଦ
କିଏ ତୁମେ ପ୍ରିୟା ଶୀର୍ଣ୍ଣ ବାତାୟନେ ପାଦ ଥାପି ଏଥେ ଡାକ
କିଏ ପରଦେଶୀ ମନର ମଇନା ପାରିବ ଏଡ଼ାଇ ଭୋକ
କାହିଁକି ବସନ୍ତ କଦମ୍ବ ସୁମନେ ଦେଲାଏ ସୁଗନ୍ଧ ଭରି
ପ୍ରିୟାର ଉରସେ ମଥା ରଖି କିଏ ଯାପିବ ବା ବିଭାବରୀ ?
ସୁଗନ୍ଧ ପରଷି ପ୍ରିୟାରେ ପଠାଅ ତୁମେ ଗୋ ପ୍ରଣୟୀ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦



ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ପ୍ରଣୟୀର ସ୍ୱରେ ପ୍ରିୟାର ହୃଦୟେ ତନ୍ଦ୍ରା ଜନମାଅ ରାତ୍ରି ଗୋ
ଶୀତୁଆ ଶରତ ମଧୁର ଲଗନେ ଯେବେ ପ୍ରିୟା ତୁମେ ଆସ
ଅଳପ ହସର କଅଁଳ ଓଠରେ ପ୍ରିୟ ପ୍ରିୟ ବୋଲି ଭାଷ
ସ୍ନିଗ୍ଧ ବନାନୀ ହରିତ ପଲ୍ଲବେ ବନପ୍ରିୟ ଡାକେ କୁହୁ
ତୁଳୀ ତଳପକୁ ହେୟ ମଣେ ପ୍ରିୟା ତନ୍ମୟେ କହେ ଉହୁ
ଗଭୀର ନିଶୀଥେ ଚକୋର କାତରେ ପ୍ରିୟାରେ ଅନ୍ତରେ ଖୋଜେ
କରମକୁ ନିନ୍ଦି ବିରହେ ବିଜନେ ବିଭୁ ନାମ ହୃଦେ ଭଜେ
ଆଗୋ ବିଭାବରୀ ସତେ କି ମଉନେ ସାନ୍ତ୍ୱନା ଦିଅ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦

ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ଜୀବନର ପାତ୍ର ଭରିଛ ସବୁରି ହୃଦୟେ ଦେଇଛ ଶାନ୍ତି ଗୋ
ତୁମେ ଯେ ପ୍ରିୟତମ ହରିଛ ପ୍ରାଣୀ ଭ୍ରମ ସୁଖ ସାଗର ଆଶା ଦେଇ
ତୁମ୍ଭ ପ୍ରେମ ସାଗରେ ପ୍ରାଣୀ ଯେ ଭାସିପାରେ ନାମ ତରଣୀ ହୃଦେ ଧ୍ୟାୟୀ
ସଂସାର ମଧୁମୟ ହୃଦୟ ମଧୁମୟ ପ୍ରେମ ସାଗରେ ତରେ ଜୀବ
କାହାକୁ କେତେ କଣ ଦେଇଛ ତୁମେ ଜାଣ ଜଗତ ତାରଣ ମାଧବ
ଦିବସ ଅବା ନିଶି ପ୍ରକାଶ ପରକାଶି ପ୍ରଣୟ ବାରି ଧାରା ବିଂଚି
ତୁମେ ଯେ ପ୍ରିୟତମ ସୁନ୍ଦର ଅନୁପମ ଲକ୍ଷ ଲକ୍ଷ ପୃଥିବୀ ରଚି
ତମସ୍ୱିନୀ ଗୋ ରାତ୍ରି ପରମ ପ୍ରେମଦାତ୍ରୀ ବିଭୁ ଇସାରେ ଗମ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦



ରାତ୍ରି ଗୋ ତୁମେ ଧାତ୍ରୀ ଗୋ
ସାରା ସଂସାର ଆନନ୍ଦେ ମଗ୍ନ ଅଙ୍କେ ସାୟିତ ରାତ୍ରି ଗୋ
ବିଶ୍ୱକରତା ପରମ ଈଶ୍ୱର ତୁମରେ ସର୍ଜି ପରା
ଅନନ୍ତ ନିଦ୍ରାରେ ବିଶ୍ରମି ଯିବେ ଜୀବ ସଂସାର ସାରା
ତୁମେ ପରା ରାତ୍ରି ବିଶ୍ରାମଦାତ୍ରୀ ଅନ୍ତରେ ଜଗାଅ ପ୍ରେମ
ପ୍ରେମ ରଜ୍ଜୁରେ ଜଗତ ବନ୍ଧା ସେପାଇଁ ଆଗୋ ତ୍ରିଯାମ
କି ସଂଗୀତ ତୁମେ ଶ୍ରବଣେ ଶୁଣାଅ ସର୍ବେ ଆଦରନ୍ତି ନିଦ୍ରା
କି କୁସୁମ ରାଜି ବାସ୍ନାରେ ଜନେ ଆଦରନ୍ତି ନିଦ୍ରା ମୁଦ୍ରା
କି ସୁନ୍ଦର ଆଉ ଆନନ୍ଦମୟୀ ସତେ ତୁମେ ଆଗୋ ରାତ୍ରି
ରାତ୍ରି ଗୋ ତୁମେ ରାକାରଜନୀର ଯାତ୍ରୀ । ୦

